গোদাবরীশ মিশ্র

ବନାମ

କୁନ୍ତଳା ମିଶ୍ର ଏବଂ ଅନ୍ୟଜଣେ

ଅକ୍ଟୋବର 24,1996

[ଜି. ଏନ୍. ରାୟ ଏବଂ ବି. ଏଲ୍. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା, 1860 --ଧାରା 302-ଗଳା ଚିପି ହତ୍ୟା – ମୃତକ ନିଷ୍ଚେତକ ପ୍ରଭାବରେ --ଘଟଣା ସ୍ଥଳରେ କୌଣସି ଷଡ଼ଯନ୍ତ୍ର ନାହିଁ-- ମୃତ ମହିଳାଙ୍କ ପୋଷାକ ଅକ୍ଷୁର୍ଣ୍ଣ -- ଅଭିଯୁକ୍ତଙ୍କ ବିରୋଧରେ ଉଦ୍ଦେଶ୍ୟ ପ୍ରମାଣିତ--ମୃତକଙ୍କ ସହିତ ଅଭିଯୁକ୍ତ ଏକାକୀ ଏକ ଗୃହରେ --ତୃତୀୟ ବ୍ୟକ୍ତିଙ୍କ ପ୍ରବେଶ ସମ୍ଭାବନା ନାହିଁ ---ନିର୍ଣ୍ଣୟ ହୋଇଛି ଯେ, ଗଳା ଚିପି ନରହତ୍ୟା ---ଷଡ଼ଯନ୍ତ୍ରର ଅନୁପସ୍ଥିତି ଆତ୍ମହତ୍ୟାର କୌଣସି ସମ୍ଭାବନାକୁ ଅଗ୍ରାହ୍ୟ କରେ---ପରିସ୍ଥିତିଗତ ପ୍ରମାଣ, ଅଭିଯୁକ୍ତର ଅପରାଧକୁ ପ୍ରତିଷ୍ଠା କରିବାରେ ସମ୍ପୂର୍ଣ୍ଣ ସମର୍ଥନ କରେ ।*

ଅପରାଧିକ ବିଚାର- ଡାକ୍ତରୀ ଆଇନ ଶାସ୍ତ୍ର—ଗ୍ରନ୍ଥଗୁଡ଼ିକରେ ମତ---ନିର୍ଣ୍ଣୟ ହୋଇଛି ଯେ, ଗ୍ରନ୍ଥଗୁଡ଼ିକରେ ଦିଆଯାଇଥିବା ମତ, ସର୍ବୋତ୍ତମ, ବିଶେଷଜ୍ଞମାନଙ୍କ ମତ, ସମ୍ପୂର୍ଣ୍ଣ ନିର୍ଣ୍ଣାୟକ ହୋଇପାରିବ ନାହିଁ, ବିଶେଷ କରି ଯେତେବେଳେ ଅନ୍ୟ ପ୍ରମାଣ ସ୍ପଷ୍ଟ ଭାବରେ ଏକ ବିପରୀତ ସଙ୍କେତ ଦେଇଥାଏ-- ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872-ଧାରା 45 ।

**ଉତ୍ତରଦାତା/ଅଭିଯୁକ୍ତ ତାଙ୍କ ବୋହୂ (ମୃତ) ଙ୍କୁ ସାୟା ଡୋର ଦ୍ୱାରା ଗଳା ଚିପି ହତ୍ୟା କରିଥିବାର କାରଣ ପାଇଁ ଆଇପିସି ର ଧାରା 302 ଅଧୀନରେ ଅପରାଧ ପାଇଁ ଅଭିଯୁକ୍ତ କରାଯାଇଥିଲା ।**

**ଉତ୍ତରଦାତା ମୃତକଙ୍କ ପିତାମାତାଙ୍କ ଠାରୁ ଯୌତୁକ ଦାବି କରିଥିଲେ, ଯାହାର ପ୍ରଦାନ କରିବାରେ ବିଫଳ ହେବା ପରେ ତାଙ୍କୁ ଅପମାନିତ କରାଯାଇଥିଲା ଏବଂ ତାଙ୍କ ଶ୍ୱଶୁର ଘରେ ଶାରୀରିକ ନିର୍ଯ୍ୟାତନା ମଧ୍ୟ ଦିଆଯାଇଥିଲା । ଯୌତୁକ ରାଶି ପ୍ରଦାନ ନକରିବା କାରଣରୁ ସେ ଭୋଗୁଥିବା ଯନ୍ତ୍ରଣା ବିଷୟରେ ମୃତ ମହିଳା ତାଙ୍କ ସମ୍ପର୍କୀୟମାନଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଥିଲେ ।**

**ଉତ୍ତରଦାତା, ଯିଏ ଏକ ପ୍ରସୂତି ଡାକ୍ତରଖାନାରେ ଏକ ଧାଇ ଥିଲେ, ତାଙ୍କୁ ଡାକ୍ତରଖାନା ନିକଟରେ ଆବାସ ଯୋଗାଇ ଦିଆଯାଇଥିଲା, ଯେଉଁଠାରେ ଉତ୍ତରଦାତା ତାଙ୍କ ପୁଅ ଏବଂ ମୃତ ମହିଳାଙ୍କ ସହ ରହୁଥିଲେ । ଘଟଣା ଦିନ, ଯେତେବେଳେ ତାଙ୍କ ପୁଅ ଘରେ ଅନୁପସ୍ଥିତ ଥିଲେ, ସେ ମୃତ ମହିଳାଙ୍କୁ ଡି ଆଣ୍ଡ ସି ଅସ୍ତ୍ରୋପଚାର ପାଇଁ ଡାକ୍ତରଖାନାକୁ ନେଇଥିଲେ । ମୃତକଙ୍କୁ ସକାଳ 8ଟାରୁ ସକାଳ 8ଟା 30 ମଧ୍ୟରେ 50 ମିଲିଗ୍ରାମ ଫେନାଗ୍ରାମ ଇଞ୍ଜେକ୍ସନ୍ (ଅନ୍ତଃ ମାଂସପେଶୀରେ) ଦିଆଯାଇଥିଲା । ପ୍ରାୟ 10.30**

ସମୟରେ ଏହି ଅସ୍ତ୍ରୋପଚାର କରାଯାଇଥିଲା । ଯଦିଓ ଉତ୍ତରଦାତା ଅସ୍ତ୍ରୋପଚାର ପରେ ତୁରନ୍ତ ମୃତ ବ୍ୟକ୍ତିଙ୍କୁ ଆବାସକୁ ନେବାକୁ ଚାହୁଁଥିଲେ, ତଥାପି ତାଙ୍କୁ ଏପରି ନକରିବାକୁ ପରାମର୍ଶ ଦିଆଯାଇଥିଲା । ତଥାପି, ସେ ନିଜେ ତାଙ୍କୁ **11.30** ରେ ଆବାସକୁ ନେଇଯାଇଥିଲେ ।

ମୃତ ବ୍ୟକ୍ତିଙ୍କୁ ନେଇଯିବାର କିଛି ସମୟ ପରେ ସେ ଡାକ୍ତରଖାନା ଯାଇଥିଲେ ଏବଂ କିଛି ଔଷଧ ନେଇଥିଲେ । (ଯଦିଓ ନଥିରେ ସୂଚନା ଦେବା ପାଇଁ କିଛି ନାହିଁ, ସେ କେଉଁ ଔଷଧ ନେଇଥିଲେ)। ଅପରାହ୍ନ ପ୍ରାୟ **2:30** ସମୟରେ, ଉତ୍ତରଦାତା ଚିତ୍କାର କରିଥିଲେ, ଯାହା ଶୁଣି, ଡାକ୍ତରଖାନାର ମହିଳା ଡାକ୍ତରମାନେ (ପି. ଡବ୍ଲ୍ୟୁ. **6** ଏବଂ ପି. ଡବ୍ଲ୍ୟୁ. **7**) ଆସିଥିଲେ । ପି. ଡବ୍ଲ୍ୟୁ. **7** ମୃତ ବ୍ୟକ୍ତିଙ୍କୁ ଏକ ଖଟରେ ପଡ଼ିଥିବାର ଦେଖିଥିଲେ ଏବଂ ତାଙ୍କ ଶରୀରରେ ଏକ ଚାଦର ଥିଲା । ପି. ଡବ୍ଲ୍ୟୁ. **6** ଜାଣିବାକୁ ପାଇଲେ ଯେ ମୃତକ ଶାଢ଼ୀ, ବ୍ଲାଉଜ୍ ଏବଂ ବିନା ଡୋର ଥିବା ସାୟା ପିନ୍ଧିଥିଲେ । ମୃତକଙ୍କ ପୋଷାକ ବିଶୃଙ୍ଖଳିତ କିମ୍ବା ଅବ୍ୟବସ୍ଥିତ ନଥିଲା । ଉତ୍ତରଦାତା ଏହା ମଧ୍ୟ କହି ନଥିଲେ ଯେ ତାଙ୍କ ବୋହୂଙ୍କୁ ମୃତ ଅବସ୍ଥାରେ ଦେଖିବା ପରେ ସେ ପୋଷାକକୁ ସଜାଇଥିଲେ ଏବଂ ତାଙ୍କୁ ଏକ ଚାଦରରେ ଢାଙ୍କି ଦେଇଥିଲେ । ଉଭୟ ଡାକ୍ତର ସ୍ପଷ୍ଟ ଭାବରେ କହିଥିଲେ ଯେ କୋଠରୀର ପଛ ଦ୍ୱାର ଭିତରୁ ବନ୍ଦ ଥିଲା (ଯଦିଓ ଏହା ସିଆର. ପି. ସି. ଧାରା **161** ଅଧୀନରେ ନିଆଯାଇଥିବା ପୁଲିସ ସମ୍ମୁଖ ବିବୃତିରେ ପୂର୍ବରୁ କୁହାଯାଇନଥିଲା)।

ଉତ୍ତରଦାତାଙ୍କ ମାମଲା ଏହା ଥିଲା ଯେ ମୃତକ ତାଙ୍କ ସାୟା ଡୋର ଦ୍ୱାରା ନିଜେ ଗଳା ଚିପି ଆତ୍ମହତ୍ୟା କରିଥିଲେ ।

ଡାକ୍ତର ତାଙ୍କ ଶବ ବ୍ୟବଚ୍ଛେଦ ବିବୃତିରେ, ପାଞ୍ଚଟି ବାହ୍ୟ ଆଘାତ ଏବଂ ବେକର ଗଭୀର ମାଂସପେଶୀରେ ଆଘାତମାନ ପାଇଥିଲେ । ସେ ଅଭିସାକ୍ଷ୍ୟ ଦେଇଥିଲେ ଯେ ଫେନାଗ୍ରାମ ପ୍ରଭାବରେ ରୋଗୀ ନିଜେ ଗଳା ଚିପି ଆତ୍ମହତ୍ୟା କରିପାରିବ ନାହିଁ ।

ଦୌରା ବିଚାରପତି ଉତ୍ତରଦାତାଙ୍କୁ ଏହି ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

ଆବେଦନରେ, ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଆବେଦନକାରୀ ମୃତ ବ୍ୟକ୍ତିଙ୍କ ସହିତ ଏକୁଟିଆ ଥିଲେ ବୋଲି କୌଣସି ନିର୍ଣ୍ଣାୟକ ପ୍ରମାଣ ନାହିଁ, ଯେହେତୁ ପି. ଡବ୍ଲ୍ୟୁ. **6** ଏବଂ **7** ପୁଲିସ ନିକଟରେ ସେମାନଙ୍କ ବିବୃତିରେ ସାକ୍ଷ୍ୟ ଦେଇ ନାହାଁନ୍ତି, ଯେ କୋଠରୀର ପଛ ଦ୍ୱାର ଭିତରୁ ବନ୍ଦ ଥିଲା ଏବଂ ଅନୁସନ୍ଧାନକାରୀ ଅଧିକାରୀ ମଧ୍ୟ ସେମାନଙ୍କଠାରୁ ତଦନ୍ତ କରିନଥିଲେ । ତୃତୀୟ ବ୍ୟକ୍ତିଙ୍କ ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ଏବଂ ତାଙ୍କୁ ସନ୍ଦେହଜନିତ ଲାଭ ଦେଇ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ।

ଏହି ଆବେଦନରେ ଉତ୍ତରଦାତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯିବା ବିରୋଧରେ, ଉତ୍ତରଦାତାଙ୍କ ଦ୍ୱାରା ଏହି ନ୍ୟାୟାଳୟରେ ଏହା ଯୁକ୍ତି କରାଯାଇଥିଲା ଯେ ମାମଲାର ତଥ୍ୟଗତ ଆଧାରରେ ଉଚ୍ଚ

ନ୍ୟାୟାଳୟ ପ୍ରଦାନ କରିଥିବା ଆକ୍ଷେପିତ ଆଦେଶ ଯଥାର୍ଥ ଥିଲା ଏବଂ ଏହା ଏକ ଆତ୍ମହତ୍ୟା ଜନିତ ମାମଲା ଥିଲା କାରଣ ବେକର ଗଭୀରତମ ମାଂସପେଶୀରେ ଆଘାତ ଲାଗିଥିଲା, ମୋଦିଙ୍କ ଭେଷଜ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନ ନିଜ ଗଳାକୁ ନିଜେ ଚାପିକି ଆତ୍ମହତ୍ୟା କରିଥିବା ଏହି ମାମଲାରେ ଏକ ନିୟମ ଭାବରେ ଉପସ୍ଥାପନ ହେବ ।

ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଛନ୍ତି ଯେ **1.1.** ଏହି ମାମଲାରେ ପରିସ୍ଥିତିଗତ ପ୍ରମାଣ ମୃତକଙ୍କ ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କ ସଂପୃକ୍ତିକୁ ପ୍ରତିଷ୍ଠା କରିବାରେ ପୂର୍ଣ୍ଣ ମାତ୍ରାରେ ସମର୍ଥନ କରେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସ୍ପଷ୍ଟ ଭାବରେ ପ୍ରମାଣର ଗୁରୁତ୍ୱ ବିରୁଦ୍ଧରେ ଏବଂ ଏକ ସମ୍ଭାବ୍ୟ ମତ ଭାବରେ ଗ୍ରହଣ କରାଯାଇପାରିବ ନାହିଁ ଯାହା ନିଆଯାଇ ପାରିଥାନ୍ତା ।

**1.2.** ଉଚ୍ଚ ନ୍ୟାୟାଳୟ ବିନା କୌଣସି ଆଧାରରେ ସନ୍ଦେହ ବ୍ୟକ୍ତ କରିଥିଲେ ଯେ ମୃତ୍ୟୁ ସମୟରେ ପଛ ଦ୍ୱାର ଭିତରରୁ ବନ୍ଦ ଥିଲା କି ନାହିଁ, କେବଳ ଏଥିପାଇଁ ନୁହେଁ ଯେ ଅନୁସନ୍ଧାନକାରୀ ଅଧିକାରୀ ପଛ ଦ୍ୱାରର ସ୍ଥିତି ବିଷୟରେ ତଦନ୍ତ କରିନଥିଲେ ଏବଂ ଡାକ୍ତରମାନେ **(ପି. ଡବ୍ଲ୍ୟୁ. 6 ଏବଂ 7)** ପୁଲିସକୁ ଫୌଜଦାରୀ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା **161** ଅଧିନରେ ଦେଇଥିବା ବିବୃତ୍ତିରେ ଦର୍ଶାଇନଥିଲେ ଯେ ଦ୍ୱାର ଭିତରୁ ବନ୍ଦ ଥିଲା । ଯେତେବେଳେ ଡାକ୍ତରମାନଙ୍କୁ ପଛ ଦ୍ୱାରର ସ୍ଥିତି ବିଷୟରେ କୌଣସି ଅନୁସନ୍ଧାନ କରାଯାଇ ନଥିଲା, ପୁଲିସକୁ ବିବୃତି ନ ଦେବା ଏହା ଅତ୍ୟନ୍ତ ସ୍ୱାଭାବିକ । ଉଭୟ ଡାକ୍ତର ସମ୍ମାନୀୟ ଏବଂ ନିରପେକ୍ଷ ସାକ୍ଷୀ ଅଟନ୍ତି । ଅଭିଯୁକ୍ତଙ୍କ ବିରୋଧରେ ସେମାନଙ୍କର କୌଣସି ଶତ୍ରୁତା ଥିଲା ବୋଲି ସୂଚିତ କରିବା ପାଇଁ ନଥିରେ କିଛି ପ୍ରମାଣ ନାହିଁ ଯାହା ପାଇଁ ସେମାନେ ପଛ ଦ୍ୱାର ଭିତରରୁ ବନ୍ଦ ବୋଲି କହି ମିଥ୍ୟା ବୟାନ ଦେଇଥିଲେ । ଏଭଳି ସାକ୍ଷ୍ୟକୁ ଉଚ୍ଚ ନ୍ୟାୟାଳୟ ଏକ ଅଗ୍ରହଣୀୟ ଯୁକ୍ତି ଆଧାରରେ ଖାରଜ କରିବା ଉଚିତ ନୁହେଁ ।

**1.3.**ତାଙ୍କ ସମ୍ପର୍କୀୟମାନଙ୍କୁ ମୃତ ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ଚିଠିଗୁଡ଼ିକ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ଯୌତୁକ ରାଶି ପ୍ରଦାନ ନକରିବା ହେତୁ ମୃତକ ଶ୍ୱଶୁର ଘରେ ଅପମାନିତର ଶିକାର ହୋଇଥିଲେ ।

**2.1.**ମୃତ ବ୍ୟକ୍ତିଙ୍କ ଦ୍ୱାରା ନିଜ ହାତରେ ନିଜର ବେକ ଚିପି ଆତ୍ମହତ୍ୟା କରିବା ମାମଲା ନିଶ୍ଚିତ ଭାବରେ ଅଗ୍ରାହ୍ୟ ହେବା ଉଚିତ୍ । ନିଜ ହାତରେ ନିଜ ବେକକୁ ଚିପିବା ଦ୍ୱାରା ଆତ୍ମହତ୍ୟା ଅତ୍ୟନ୍ତ ବିରଳ ଅଟେ । ନିଜ ହାତରେ ନିଜ ବେକକୁ ଚିପି ଆତ୍ମହତ୍ୟା କରିବା ପାଇଁ, ଆତ୍ମହତ୍ୟା କରୁଥିବା ବ୍ୟକ୍ତି କୌଣସି ପ୍ରକ୍ରିୟାର ସହାୟତା ନେବା ଆବଶ୍ୟକ ଯାହା ଦ୍ୱାରା ଗଳା ଚିପି ହତ୍ୟା କରିବା ଦ୍ୱାରା ମୃତ୍ୟୁ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ବଳ ପ୍ରୟୋଗକୁ ସୁନିଶ୍ଚିତ କରାଯାଇପାରିବ । ଏପରି କୌଶଳ ବିନା, ପର୍ଯ୍ୟାପ୍ତ ବଳ ପ୍ରୟୋଗ କରାଯାଇପାରିବ ନାହିଁ କାରଣ ପ୍ରାରମ୍ଭରେ ବଳ ପ୍ରୟୋଗ ସହିତ, ଅସଂବେଦନଶୀଳତା ବିକଶିତ ହେବ ଯାହା ପାଇଁ ଡୋରର ଶେଷ ପାର୍ଶ୍ୱକୁ ଟାଣି ଧରିଥିବା ହାତଗୁଡିକ ନିଶ୍ଚୟ ଆଲଗା ହୋଇଯିବ । ବର୍ତ୍ତମାନ

**ମାମଲାରେ, ପି. ଡବ୍ଲ୍ୟୁ. 6 ଏବଂ 7 ଦ୍ୱାରା କୌଣସି ଷଡ଼ଯନ୍ତ୍ର ଲକ୍ଷ୍ୟ କରାଯାଇ ନଥିଲା, ଯେଉଁମାନେ ବିପଦ ସଙ୍କେତ ଶୁଣି ମୃତ ବ୍ୟକ୍ତିଙ୍କୁ ପରୀକ୍ଷା କରିବାକୁ ଆସିଥିଲେ । ଅଭିଯୁକ୍ତ ମଧ୍ୟ ଘଟଣା ସ୍ଥଳରେ କୌଣସି ଷଡ଼ଯନ୍ତ୍ର ଦେଖିନାହିଁ ଏବଂ ଫୌଜଦାରୀ କାର୍ଯ୍ୟବିଧି ପ୍ରକ୍ରିୟା ସଂହିତାର ଧାରା 313 ଅନୁଯାୟୀ ତାଙ୍କ ବିବୃତିରେ, ନିଜେ ଗଳାଚିପି ଆତ୍ମହତ୍ୟା ମାମଲାର ସମର୍ଥନରେ ସେ କୌଣସି ତଥ୍ୟ ପ୍ରକାଶ କରିନାହାଁନ୍ତି, ଯାହା ତାଙ୍କ ସ୍ୱତନ୍ତ୍ର ଜ୍ଞାତ ମଧ୍ୟରେ ଥିଲା ।**

**ମୋଦୀଙ୍କ ଭେଷଜ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନ;** *ଟେଲରଙ୍କ ଭେଷଜ ବିଧିଶାସ୍ତ୍ରର ନୀତି ଏବଂ କାର୍ଯ୍ୟପଦ୍ଧତିକୁ* **ଉଲ୍ଲେଖ କରାଯାଇଛି ।**

**2.2. ଯଦି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥାନ୍ତେ, ତେବେ ସେ ଏକ ସାଧାରଣ ଢଙ୍ଗରେ ସଠିକ୍ ପୋଷାକ ପିନ୍ଧିଥିବାର ଦେଖିବାକୁ ମିଳିନଥାନ୍ତା । ଶଯ୍ୟା ଉପରେ ଶରୀରର ବିଭିନ୍ନ ଅଙ୍ଗ ସଠିକ ଭାବେ ଥିବା ପ୍ରସଙ୍ଗରେ, ପରିଣାମାତ୍ମକ ଭାବେ ସହିତ ଶରୀରର କିଛି ପରିବର୍ତ୍ତନ ହେବା କଥା ।**

**2.3. ଏହି ଘଟଣାରେ, ଏହା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି ଯେ ଗଳା ଚିପି ହେବା କାରଣରୁ ମୃତ୍ୟୁ ଘଟିଛି । କେବଳ ଯେହେତୁ ଡାକ୍ତର (ପି. ଡବ୍ଲ୍ୟୁ. 11) ଶବ ବ୍ୟବଚ୍ଛେଦ ସମୟରେ ମୃତ ବ୍ୟକ୍ତିଙ୍କ ବେକରେ ଗଭୀର ମାଂସପେଶୀରେ ଆଘାତ ଦେଖିଥିଲେ, ତେଣୁ ଏହା କୁହାଯାଇପାରିବ ନାହିଁ ଯେ ଡାକ୍ତରଙ୍କ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ଏପରି ଆଘାତ ବିଶ୍ୱାସଯୋଗ୍ୟ ଭାବରେ ପ୍ରମାଣିତ କରିଥିଲା ଯେ ଏହା ନିଜ ବେକକୁ ନିଜେ ଚାପିବା ଦ୍ୱାରା ମୃତ୍ୟୁର ଏକ ମାମଲା ଥିଲା, କାରଣ ମୋଦୀଙ୍କ ଦ୍ୱାରା ଯାହା ମତ ଦିଆଯାଇଛି । ଏହି ଗ୍ରନ୍ଥରେ ଉଲ୍ଲେଖ କରାଯାଇଥିବା ମତାମତ, ସର୍ବୋପରି, ବିଶେଷଜ୍ଞମାନଙ୍କ ମତାମତ, ଯାହା ଯଦିଓ ଉପଯୁକ୍ତ ବିଚାର ଯୋଗ୍ୟ, ସମ୍ମାନର ସହିତ, ଯେତେବେଳେ ଅନ୍ୟ ପ୍ରମାଣ ସ୍ପଷ୍ଟ ଭାବରେ ଏକ ବିପରୀତ ସଙ୍କେତ ପ୍ରତିଷ୍ଠା କରେ, ସେତେବେଳେ ଏହାକୁ ନିର୍ଣ୍ଣାୟକ ଭାବରେ ଧରାଯାଇପାରିବ ନାହିଁ ।**

*ମୋଦୀଙ୍କ ଭେଷଜ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନକୁ* ***ଉଲ୍ଲେଖ କରାଯାଇଛି ।***

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାର:ଫୌଜଦାରୀ ଆବେଦନ ସଂଖ୍ୟା 343/1991

ଓଡ଼ିଶା ହାଇକୋର୍ଟର 1.10.86 ତାରିଖରେ ସିଆରଏଲ. ଏ. ସଂଖ୍ୟା 276/1984ରେ ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ ରାୟ ଏବଂ ଆଦେଶରୁ ଆସିଛି ।

ଆବେଦନକାରୀ ପାଇଁ ସକିଲ୍ ଅହମ୍ମଦ ସୟିଦ୍ (ଏନ୍. ପି.) ।

ରଣଜିତ କୁମାର, ସି. ଏସ୍. ଶ୍ରୀନିବାସ ରାଓ, (ଏନପି) ଏବଂ ସୁଶ୍ରୀ ଅନୁ ମୋହଲା ଉତ୍ତରଦାତାମାନଙ୍କ ପାଇଁ ।

ଏହି ନ୍ୟାୟାଳୟର ରାୟ

**ନ୍ୟାୟମୂର୍ତ୍ତି ଜି. ଏନ. ରାୟଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଆବେଦନରେ ଅକ୍ଟୋବର 1, 1986 ମସିହାରେ ଫୌଜଦାରୀ ଆବେଦନ ସଂଖ୍ୟା 276/1984 ରେ ସମ୍ବଲପୁରର ବିଦ୍ୱାନ ଦୌରା ବିଚାରପତି ଡିସେମ୍ବର 17,1984 ମସିହାରେ ଦୌରା ବିଚାର ସଂଖ୍ୟା 46/1984 ରେ ଆଇ.ପି.ସି. ଧାରା 302 ଅଧୀନରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ପରିଣାମ୍ନକ ଦଣ୍ଡ ଭାବେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ରାୟ କୁ ରଦ୍ଦ କରି ଅଭିଯୁକ୍ତ କୁନ୍ତଳା ମିଶ୍ରଙ୍କ ସପକ୍ଷରେ ନିର୍ଦ୍ଦୋଷ ଆଦେଶ ପାରିତ କରିଥିବାରୁ ଏହି ଆପତ୍ତି ।

ସଂକ୍ଷେପରେ ଅଭିଯୋଜନ ପକ୍ଷର ମାମଲା ହେଉଛି ଯେ ମୃତ ଗୀତା ଅଭିଯୁକ୍ତ କୁନ୍ତଳା ମିଶ୍ରଙ୍କ ବୋହୂ ଥିଲେ । ଅଭିଯୁକ୍ତ ଜଣକ ସମ୍ବଲପୁର ସ୍ଥିତ ପ୍ରସୂତି ଡାକ୍ତରଖାନାରେ ଜଣେ ଧାଇ ଥିଲେ । ଅଭିଯୁକ୍ତର ପୁଅ ସୁଭାଷଙ୍କ ସହ ମୃତ ବ୍ୟକ୍ତିଙ୍କ ବିବାହ ପାଇଁ ଯେତେବେଳେ କଥାବାର୍ତ୍ତା ହୋଇଥିଲା, ସେତେବେଳେ ଅଭିଯୁକ୍ତ ଏବଂ ତାଙ୍କ ଭାଇ ସତ୍ୟ ପ୍ରସାଦ ଯୌତୁକ ସ୍ୱରୂପ 8000 ଟଙ୍କା ଦାବି କରିଥିଲେ । ଯଦିଓ ଗୀତାଙ୍କ ପିତା ଏବଂ ଭାଇ ପ୍ରଥମେ ସେମାନଙ୍କର ଆର୍ଥିକ ଅସୁବିଧା ହେତୁ ଉକ୍ତ ରାଶି ଦେବାକୁ ରାଜି ହୋଇନଥିଲେ, ତଥାପି ସେମାନେ ବିବାହ ତାରିଖରେ ଅର୍ଥାତ୍ ମଇ 24,1981ମସିହାରେ ଉକ୍ତ ରାଶି ଦେବାକୁ ରାଜି ହୋଇଥିଲେ । ତେବେ ବିବାହ ସମୟରେ ପିତାମାତା ଉକ୍ତ ରାଶି ପ୍ରଦାନ କରିପାରିନଥିଲେ ଏବଂ ବରଯାତ୍ରୀ ମାନଙ୍କ ସାଥିରେ ଥିବା ବରପାତ୍ର ଅର୍ଥାତ୍ ଗୀତାଙ୍କ ସ୍ୱାମୀ ପ୍ରତିବାଦରେ ବିବାହ ଅବସରରେ ଆୟୋଜିତ ରାତ୍ରିଭୋଜନରେ ଅଂଶଗ୍ରହଣ କରିନଥିଲେ ଏବଂ ସେମାନେ ଅସନ୍ତୁଷ୍ଟ ହୋଇ ଫେରିଥିଲେ । ଉକ୍ତ ଯୌତୁକ ପଇଠ ନକରିବା କାରଣରୁ ଗୀତାଙ୍କୁ ଅଭିଯୁକ୍ତ ଏବଂ ତାଙ୍କ ପୁଅ ହଇରାଣ କରିଥିଲେ ଏବଂ ଶାରୀରିକ ନିର୍ଯାତନା ଦେଇଥିଲେ । ନିଜ ଝିଅକୁ ପଠାଇବା ପାଇଁ ପିତାମାତା ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଅଭିଯୁକ୍ତ ଗୀତାଙ୍କୁ ତାଙ୍କ ପିତାମାତାଙ୍କ ଘରକୁ ଆସିବାକୁ ଦେଇନଥିଲେ । ଗୀତାଙ୍କ ପିତା ଶେଷରେ 6,000 ଟଙ୍କା ଉଧାର ଆଣି ସମ୍ବଲପୁର ଆସିଥିଲେ ଯେଉଁଠାରେ ଗୀତା ତାଙ୍କ ସ୍ୱାମୀ ଏବଂ ଶାଶୁଙ୍କ ସହ ପ୍ରସୂତି ଡାକ୍ତରଖାନା ନିକଟରେ ଆବଣ୍ଟିତ ଆବାସରେ ରହୁଥିଲେ ଏବଂ ମୃତ ଗୀତାଙ୍କ ସ୍ୱାମୀଙ୍କ ସମ୍ମୁଖରେ ଅଭିଯୁକ୍ତଙ୍କୁ 6,000 ଟଙ୍କା ପ୍ରଦାନ କରିଥିଲେ । ଅଭିଯୁକ୍ତ ଅନିଚ୍ଛାକୃତ ଭାବରେ ଏପରି ଆଂଶିକ ଦେୟ ଗ୍ରହଣ କରିଥିଲେ କିନ୍ତୁ ତଥାପି ସେ ଗୀତାଙ୍କ ପିତାଙ୍କୁ ତାଙ୍କ ଝିଅକୁ ତାଙ୍କ ସହିତ ପଠାଇବାର ଅନୁରୋଧକୁ ସ୍ୱୀକାର କରିନଥିଲେ ଏବଂ ପିତାଙ୍କୁ ଏକୁଟିଆ ଫେରିବାକୁ ପଡ଼ିଥିଲା ।

ସୁଭାଷଙ୍କ ଅସ୍ଥାୟୀ ଅନୁପସ୍ଥିତିରେ, 1983 ମସିହା ଜାନୁଆରୀ 11 ତାରିଖରେ ଅଭିଯୁକ୍ତ ଜଣକ ଗୀତାଙ୍କୁ ଡି ଏବଂ ସି ଅସ୍ତ୍ରୋପଚାର ପାଇଁ ଉକ୍ତ ପ୍ରସୂତି ଡାକ୍ତରଖାନାକୁ ନେଇଯାଇଥିଲେ, କାରଣ ଗୀତା ଗର୍ଭଧାରଣ କରିନଥିଲେ । ଅସ୍ତ୍ରୋପଚାର ପରେ, ଗୀତାଙ୍କୁ ଉକ୍ତ ଦିନ ପ୍ରାୟ 11.30 AM ରେ ଅଭିଯୁକ୍ତଙ୍କ ଆବାସକୁ ଅଣାଯାଇଥିଲା । ଅଭିଯୋଜନ ଏହା ଯେ ମୃତକ ଜଣକ ଅଧିକ ନିଶ୍ଚେତକ କାରଣରୁ ନିଦ୍ରାଳୁ ଅବସ୍ଥାରେ ଥିଲେ । ମୃତକଙ୍କ ଏକ ସାୟା ଡୋର ସାହାଯ୍ୟରେ ଅଭିଯୁକ୍ତ ତାଙ୍କ ଗଳା ଚିପି ହତ୍ୟା

କରିଥିଲେ । ତେବେ ଅଭିଯୁକ୍ତ ଜଣକ ନିର୍ଦ୍ଦୋଷ ବୋଲି ପ୍ରକାଶ କରିଥିଲେ ଏବଂ ଫୌଜଦାରୀ କାର୍ଯ୍ୟବିଧି ସଂହିତାର  ଧାରା 313 ଅନୁଯାୟୀ ତାଙ୍କ ବିବୃତିରେ ସେ କହିଥିଲେ ଯେ ଗୀତା ନିଜେ ତାଙ୍କ ସାୟା ଡୋର ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ । ଏଠାରେ କୁହାଯାଇପାରେ ଯେ ଅଭିଯୁକ୍ତ ଜଣକ ନିଜେ ଘଟଣା ଦିନ ଅପରାହ୍ନ 3ଟା 30 ମିନିଟରେ ସମ୍ବଲପୁର ଟାଉନ ପୁଲିସ ଷ୍ଟେସନରେ ଏକ ଅଭିଯୋଗ ଦାଖଲ କରିଥିଲେ ଯେ ଉକ୍ତ ଡି ଏବଂ ସି ଅପରେସନ ପରେ ଗୀତା ଏବଂ ଅଭିଯୁକ୍ତ ଉଭୟ ଅଭିଯୁକ୍ତଙ୍କ ଆବାସରେ ବିଶ୍ରାମ ନେଉଥିଲେ ଏବଂ ଯେତେବେଳେ ଅଭିଯୁକ୍ତ ଅପରାହ୍ନ 2ଟା 30 ମିନିଟରେ ଶୋଇକି ଉଠିଲେ, ସେ ଲକ୍ଷ୍ୟ କଲେ ଯେ ଗୀତା ତାଙ୍କ ସାୟା ଡୋର ସାହାଯ୍ୟରେ ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିଛନ୍ତି ।

ସମ୍ବଲପୁର ଟାଉନ ପୁଲିସ ଷ୍ଟେସନର ଦାୟିତ୍ୱରେ ଥିବା ଅଧିକାରୀ ଏକ ମାମଲା ରୁଜୁ କରିଥିଲେ ଏବଂ ଉକ୍ତ ମୃତ୍ୟୁ ଘଟଣାର ତଦନ୍ତ କରିବାକୁ ଆରକ୍ଷୀ ଉପ-ନିରୀକ୍ଷକ (ପିଡବ୍ଲୁ .12) ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ, ପିଡବ୍ଲୁ.13 ଆରକ୍ଷୀ ମଣ୍ଡଳ ନିରୀକ୍ଷକ ଅନୁସନ୍ଧାନର ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ଏହା ଏକ ହତ୍ୟା ମାମଲା ବୋଲି ଜାଣିବାକୁ ପାଇଥିଲେ, ଆଇ. ପି. ସି. ଧାରା 302 ଅନୁଯାୟୀ ଏକ ଏଫ୍. ଆଇ. ଏ. ପ୍ରସ୍ତୁତ କରାଯାଇଥିଲା (ଅନୁଲଗ୍ନକ 27) । ତଦନ୍ତ ଶେଷ ହେବା ପରେ, ଆରୋପ ପତ୍ର ଦାଖଲ କରାଯାଇଥିଲା ଏବଂ ଅଭିଯୁକ୍ତ ସମ୍ବଲପୁରର ବିଦ୍ୱାନ ଦୌରା ବିଚାରପତିଙ୍କ ସମ୍ମୁଖରେ ଦୌରା ବିଚାର ସଂଖ୍ୟା 46/1984 ରେ ଆଇପିସି ଧାରା 302 ଅନୁଯାୟୀ ଅପରାଧ ପାଇଁ ବିଚାରର ସମ୍ମୁଖୀନ ହୋଇଥିଲେ ।

ପ୍ରଥମେ ତଦନ୍ତ କରିଥିବା ଆରକ୍ଷୀ ଉପ-ନିରୀକ୍ଷକ ଅପରାହ୍ନ ଘ 3.55 ଟିକା ସମୟରେ ଘଟଣା ସ୍ଥଳରେ ପହଞ୍ଚିଥିଲେ ଏବଂ ଏକ ସାଇଟ୍ ପ୍ଲାନ୍ ପ୍ରସ୍ତୁତ କରିଥିଲେ (ଇଏକ୍ସଟି. 9) ଏବଂ ମୃତ ବ୍ୟକ୍ତିଙ୍କ ମୁଣ୍ଡ ତଳେ ଶଯ୍ୟାର ଏକ ଗୋଡ଼ ନିକଟରେ ଚଟାଣରେ ପଡ଼ିଥିବା ସାୟା ଡୋର (ଏମ୍. ଓ. ଆଇ.) ଏବଂ ଏକ ରୂପା ହାର (ଏମ. ଓ. 11) ଜବତ କରିଥିଲେ । ବେଡ୍ ହେଡ୍ ଟିକେଟ୍ (ଇଏକ୍ସଟି. 15) ଏବଂ ମୃତଙ୍କ ତାପମାତ୍ରା ବିବରଣୀ (ଇଏକ୍ସଟି. 16) ଡାକ୍ତରଖାନାରୁ ଜବତ କରାଯାଇଥିଲା । ଡାକ୍ତରୀ ପ୍ରେସକ୍ରିପସନ୍ ଇଏକ୍ସଟି. 10 ରୁ 10/5, ପାଥୋଲୋଜିକାଲ୍ ବିବରଣୀ (ଇଏକ୍ସଟି. 11 ରୁ 11/4) ଏବଂ ମୃତ ବ୍ୟକ୍ତିଙ୍କ ଅନ୍ୟାନ୍ୟ ଡାକ୍ତରୀ ବିବରଣୀମାନ (ଇଏକ୍ସଟି. 12 ରୁ 14) ମଧ୍ୟ ଜବତ କରାଯାଇଥିଲା । ପି. ଡବ୍ଲୁ.11 ବୁର୍ଲା ଭେଷଜ ମହାବିଦ୍ୟାଳୟର ଔଷଧ ଅପରାଧ ଅନୁସନ୍ଧାନ ଏବଂ ବିଷ ବିଜ୍ଞାନୀ ପ୍ରଦର୍ଶନକାରୀ ଗୀତାଙ୍କ ଶବକୁ ଜାନୁଆରୀ 12,1983ରେ ଅପରାହ୍ନ 1.35 ମିନିଟରେ ବ୍ୟବଚ୍ଛେଦ କରିଥିଲେ । ଉକ୍ତ ଡାକ୍ତରଙ୍କ ଉକ୍ତ ରିପୋର୍ଟରେ ମୃତ ବ୍ୟକ୍ତିଙ୍କ ଶରୀରରେ ମୃତ୍ୟୁ ପୂର୍ବରୁ ପାଞ୍ଚଟି ବାହ୍ୟ ଆଘାତ ବିଷୟରେ ସୂଚନା ଦିଆଯାଇଥିଲା ଏବଂ ରିପୋର୍ଟରେ ଦର୍ଶାଯାଇଥିବା ତୃତୀୟ ରଶି ଚିହ୍ନ ଏକ ସାୟା ଡୋର (ଏମ୍. ଓ. ଆଇ.) ମାଧ୍ୟମରେ ବେକରେ ଗୁଡ଼େଇ ଶେଷ ଭାଗକୁ ଭିଡିବା ଦ୍ୱାରା ହୋଇଥାଇପାରେ ବୋଲି ସୂଚନା ଦିଆଯାଇଥିଲା । ଡାକ୍ତର ଏହା ମଧ୍ୟ ମତ ଦେଇଛନ୍ତି ଯେ ଆଘାତ ସଂଖ୍ୟା IV ଏବଂ V ଆଙ୍ଗୁଳି ନଖ ଏବଂ ମୁଷ୍ଟି ଆଘାତ ଦ୍ୱାରା ହୋଇଥାଇପାରେ । ରଶି ଚିହ୍ନ ତଳେ ବେକରେ ବିଚ୍ଛେଦନ କରିବା ସମୟରେ, ଡାକ୍ତର ଚର୍ମରେ ଆଞ୍ଚୁଡା ଦାଗ ଦେଖିବାକୁ ପାଇଥିଲେ । ଡାକ୍ତର ମତ ଦେଇଛନ୍ତି ଯେ ବେକରେ ଗଳାକୁ ଚିପିବା

କାରଣରୁ ଅମ୍ଳଜାନର ଅଭାବ ପାଇଁ ମୃତ୍ୟୁ ଘଟିଛି । ଡାକ୍ତର ସ୍ପଷ୍ଟ ମତ ଦେଇଛନ୍ତି ଯେ ମୃତ୍ୟୁ ଫାଶୀ କାରଣରୁ ହୋଇନଥିଲା ।

ଏଠାରେ କୁହାଯାଇପାରେ ଯେ ଅପରାହ୍ନ ପ୍ରାୟ 2ଟା 30 ମିନିଟରେ ଅଭିଯୁକ୍ତଙ୍କ ଚିତ୍କାର ଦ୍ୱାରା ସୂଚିତ କରାଯିବାପରେ ପ୍ରସୂତି ଡାକ୍ତରଖାନାର ଦୁଇ ଜଣ ମହିଳା ଡାକ୍ତର (ପି. ଡବ୍ଲ୍ୟୁ. 6 ଏବଂ 7) ଅଭିଯୁକ୍ତଙ୍କ ଆବାସର ଘଟଣା ସ୍ଥଳରେ ପହଞ୍ଚିଥିଲେ । ପି. ଡବ୍ଲ୍ୟୁ. 7 ପ୍ରଥମେ ପହଞ୍ଚିଥିଲେ । ସେ କହିଛନ୍ତି ଯେ ସେ ଡାକ୍ତରଖାନାରେ କାମ କରୁଥିବାବେଳେ ଆବାସରୁ କିଛି ଶବ୍ଦ ଶୁଣିଥିଲେ । ତା 'ପରେ ସେ ଦୌଡ଼ିଗଲେ ଏବଂ ଦେଖିଲେ ଯେ ଗୀତା ଶୟନକକ୍ଷରେ ଖଟ ଉପରେ ଏକ ଚାଦର (ଚାଦର) ଘୋଡ଼ିହୋଇ ପଡ଼ିଛନ୍ତି । ସେ ତାଙ୍କୁ ଯାଞ୍ଚ କରିଥିଲେ ଏବଂ ମୃତ ବୋଲି ଜାଣିବାକୁ ପାଇଥିଲେ । ସେ କହିଥିଲେ ଯେ ସେ ଗୀତାଙ୍କ ବେକର ଆଗ ପାର୍ଶ୍ୱରେ କିଛି ଚିହ୍ନ ଦେଖିଥିଲେ । ଅନ୍ୟ ଡାକ୍ତର ପି. ଡବ୍ଲ୍ୟୁ. 6, ଯିଏକି ଶବ୍ଦ ଶୁଣି ଆସିଲେ, ଗୀତାଙ୍କୁ ଶଯ୍ୟା ଉପରେ ମୃତ ଅବସ୍ଥାରେ ପଡ଼ିଥିବାର ଦେଖିଲେ ଏବଂ ତାଙ୍କ ଶରୀରକୁ ବେକରୁ ଗୋଡ଼ ପର୍ଯ୍ୟନ୍ତ ଏକ ଚାଦର ଦ୍ୱାରା ଆଚ୍ଛାଦିତ କରାଯାଇଥିଲା । ସେ ଗୀତାଙ୍କ ବେକର ସମ୍ମୁଖ ପାର୍ଶ୍ୱରେ ଦୁଇଟି ଚିହ୍ନ ମଧ୍ୟ ଲକ୍ଷ୍ୟ କରିଥିଲେ ଏବଂ ପି. ଡବ୍ଲ୍ୟୁ. 6 କହିଛନ୍ତି ଯେ ଯେତେବେଳେ ଉକ୍ତ ଚାଦରକୁ ହଟାଇ ଦିଆଯାଇଥିଲା, ସେତେବେଳେ ଗୀତା ସାୟା, ବ୍ଲାଉଜ ଏବଂ ଶାଢ଼ୀ ପିନ୍ଧିଥିବା ଦେଖିବାକୁ ମିଳିଥିଲା ଯାହା ଅକ୍ଷତ ଥିଲା ଏବଂ ବିଶୃଙ୍ଖଳିତ ନଥିଲା ।

ପି. ଡବ୍ଲ୍ୟୁ. 4 ଏହି ଡାକ୍ତରଖାନାର ଭେଷଜଜ୍ଞ କହିଛନ୍ତି ଯେ ସେ ଗୀତାଙ୍କୁ ଡି ଏବଂ ସି ଅସ୍ତ୍ରୋପଚାର ଉଦ୍ଦେଶ୍ୟରେ ସକାଳ ପ୍ରାୟ ୫ଟାରୁ ୫ଟା 30 ମିନିଟ ସମୟରେ 50 ମିଲିଗ୍ରାମ ଫେନାର୍ଗାନ୍ ଅନ୍ତଃ ମାଂସପେଶୀ ଇଞ୍ଜେକ୍ସନ୍ ଦେଇଥିଲେ ଏବଂ ଏପରି ଅସ୍ତ୍ରୋପଚାର ପରେ ଗୀତାଙ୍କୁ ସେହିଦିନ ସକାଳ 11.30 ରେ ଡାକ୍ତରଖାନାରୁ ବିମୁକ୍ତ କରାଯାଇଥିଲା । ମହିଳା ଡାକ୍ତର (ପି. ଡବ୍ଲ୍ୟୁ. 7) ଏହା ମଧ୍ୟ ଦର୍ଶାଇଛନ୍ତି ଯେ ଅସ୍ତ୍ରୋପଚାର ପରେ ଅଭିଯୁକ୍ତ ଗୀତାଙ୍କୁ ଆବାସକୁ ନେବାକୁ ଚାହୁଁଥିଲେ, କିନ୍ତୁ କିଛି ସମୟ ପରେ ଗୀତାଙ୍କୁ ନେବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା । ଡାକ୍ତର (ପି. ଡବ୍ଲ୍ୟୁ. 11) କହିଛନ୍ତି ଯେ ଗୀତାଙ୍କୁ ଦିଆଯାଇଥିବା 50 ମିଲିଗ୍ରାମ ଫେନାର୍ଗାନ୍ ଅନ୍ତଃ ମାଂସପେଶୀ ଇଞ୍ଜେକ୍ସନର ପ୍ରଭାବ ରୋଗୀକୁ 6 ରୁ 7 ଘଣ୍ଟା ପର୍ଯ୍ୟନ୍ତ ନିଦ୍ରିତ ରଖିବ ଏବଂ ଏପରି ରୋଗୀ ଅତି ସହଜରେ କାବୁ କରାଯାଇପାରିବ । ପି. ଡବ୍ଲ୍ୟୁ. 11 ଏହା ମଧ୍ୟ ଦର୍ଶାଇଛି ଯେ ଫେନାର୍ଗାନ୍ ପ୍ରଭାବରେ ଜଣେ ରୋଗୀ ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିପାରିବେ ନାହିଁ । ସେ ଏହା ମଧ୍ୟ କହିଛନ୍ତି ଯେ ଡି ଏବଂ ସି ଅସ୍ତ୍ରୋପଚାର ଏପରି ଏକ ସମୟରେ କରାଯାଇଥାଏ ଯେତେବେଳେ ରୋଗୀ ସମ୍ପୂର୍ଣ୍ଣ ଭାବେ ଚେତା ହରାଇଥାଏ । ଏହା ପ୍ରମାଣିତ ଯେ ମୃତକ ବ୍ୟକ୍ତିଙ୍କ ଅସ୍ତ୍ରୋପଚାର ପୂର୍ବାହ୍ନ 10.30 ସମୟରେ କରାଯାଇଥିଲା । ମହିଳା ଡାକ୍ତର ପି. ଡବ୍ଲ୍ୟୁ. 7 ଏହା ମଧ୍ୟ କହିଛନ୍ତି ଯେ ଅଭିଯୁକ୍ତ ଗୀତାଙ୍କୁ ସକାଳ ପ୍ରାୟ 11.30 ରେ ତାଙ୍କ ଆବାସ କୁ ନେଇଯାଇଥିଲେ ଏବଂ ପାଞ୍ଚ ମିନିଟ୍ ପରେ ସେ ଡାକ୍ତରଖାନାକୁ ଆସି କିଛି ଔଷଧ ନେଇ ଚାଲି ଯାଇଥିଲେ । ତେବେ ଅଭିଯୁକ୍ତ କେଉଁ ଔଷଧ ନେଇଯାଇଥିଲେ ସେ ସମ୍ପର୍କରେ କୌଣସି ପ୍ରମାଣ ନାହିଁ । ଏଠାରେ ଏହା ମଧ୍ୟ ସୂଚିତ

କରାଯାଇପାରେ ଯେ ଉଭୟ ମହିଳା ଡାକ୍ତର ପି. ଡବ୍ଲ୍ୟୁ. 6 ଏବଂ 7 ସାକ୍ଷ୍ୟ ଦେଇଛନ୍ତି ଯେ ଶବ୍ଦ ଶୁଣିବା ପରେ ସେମାନେ ଅଭିଯୁକ୍ତଙ୍କ ଆବାସରେ ଥିବା କୋଠରୀକୁ ଆସିଥିଲେ ଯେଉଁଠାରେ ମୃତକ ଶଯ୍ୟା ଉପରେ ମୃତ ଅବସ୍ଥାରେ ପଡ଼ିଥିଲେ, ସେମାନେ ଉଭୟ ଲକ୍ଷ୍ୟ କରିଥିଲେ ଯେ କୋଠରୀର ପଛ ପାର୍ଶ୍ଵରେ ଥିବା ଦ୍ୱାରଟି ଭିତରୁ ବନ୍ଦଥିଲା ।

ତେବେ ଅଭିଯୁକ୍ତଙ୍କ ତରଫରୁ ବିଦ୍ୱାନ ଦୌରା ବିଚାରପତିଙ୍କ ସମ୍ମୁଖରେ ଯୁକ୍ତି କରାଯାଇଥିଲା ଯେ ଯେହେତୁ ଶ୍ୱାସନଳୀ ଏବଂ ସ୍ୱରଯନ୍ତ୍ରର ଧମନୀ ଏବଂ ଶ୍ୱାସନଳୀର ରକ୍ତବାହୀଗୁଡ଼ିକ ଶବ ବ୍ୟବଚ୍ଛେଦ ପରୀକ୍ଷା କରୁଥିବା ଡାକ୍ତରଙ୍କ ଦ୍ୱାରା ପ୍ରଭାବିତ ହୋଇନଥିବା ଦେଖିବାକୁ ମିଳିଥିଲା, ତେଣୁ ଏହା ନିଶ୍ଚିତ ଭାବରେ କୁହାଯାଇପାରିବ ନାହିଁ ଯେ ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରାଯାଇ ନାହିଁ । ଏହିଭଳି ବିବାଦମାନ ମୋଦୀଙ୍କ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନରେ ପ୍ରଦତ୍ତ ପର୍ଯ୍ୟବେକ୍ଷଣକୁ ଉଲ୍ଲେଖ ଦ୍ୱାରା କରାଯାଇଥିଲା । ଏହା ମଧ୍ୟ ନିବେଦନ କରାଯାଇଥିଲା ଯେ ଅଭିଯୁକ୍ତଙ୍କ ଆଚରଣ କେବଳ ତାଙ୍କ ନିର୍ଦ୍ଦୋଷତାକୁ ସୂଚିତ କରେ ଏବଂ କୌଣସି ଅପରାଧୀ ଭବନରେ ପୀଡ଼ିତ ନୁହନ୍ତି । ଏହି ଅପମୃତ୍ୟୁକୁ ଲୁଚାଇବା ପାଇଁ ଅଭିଯୁକ୍ତ କୌଣସି ପ୍ରୟାସ କରିନଥିଲେ । ଅପରପକ୍ଷରେ, ଶ୍ୱାସରୁଦ୍ଧ ହୋଇ ପଡ଼ିଥିବା ବୋହୂକୁ ଦେଖି ତୁରନ୍ତ ସେ ଚିତ୍କାର କରିଥିଲେ ଏବଂ ଡାକ୍ତରମାନେ ତାଙ୍କ ଆବାସକୁ ଆସି ମୃତ ବ୍ୟକ୍ତିଙ୍କୁ ପରୀକ୍ଷା କରିଥିଲେ । ସେ ପୁଲିସ ଷ୍ଟେସନକୁ ମଧ୍ୟ ଯାଇଥିଲେ ଏବଂ ଅପରାହ୍ନ 3ଟା 30 ମିନିଟରେ ତାଙ୍କ ବୋହୂଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁର ସୂଚନା ଥିବା ଏକ ଡାଏରୀ ଦେଇଥିଲେ ।

ତେବେ ବିଦ୍ୱାନ ଦୌରା ବିଚାରପତି କହିଛନ୍ତି ଯେ ଯଦିଓ ଏହା ପରିସ୍ଥିତିଗତ ପ୍ରମାଣର ଏକ ମାମଲା, ତଥାପି ପରିସ୍ଥିତି ବିଶ୍ୱାସଯୋଗ୍ୟ ପ୍ରମାଣ ଦ୍ୱାରା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି, ମୃତ ଗୀତାଙ୍କୁ ଗଳା ଚିପି ହତ୍ୟା କରିବାରେ ଅଭିଯୁକ୍ତଙ୍କ ଦୋଷ ସିଦ୍ଧ ହୋଇଛି । ବିଦ୍ୱାନ ଦୌରା ବିଚାରପତି ସୂଚିତ କରିଛନ୍ତି ଯେ ଦାବି ଅନୁଯାୟୀ ଯୌତୁକ ପ୍ରଦାନ ନକରିବା କାରଣରୁ ମୃତକଙ୍କୁ ହଇରାଣ କରାଯାଇଥିଲା ଏବଂ ଯୌତୁକ ରାଶି ପ୍ରଦାନ ନକରିବା ପାଇଁ ତାଙ୍କୁ ତାଙ୍କ ପିତାମାତାଙ୍କ ଘରକୁ ଯିବାକୁ ଅନୁମତି ଦିଆଯାଇ ନଥିଲା, ଯେଉଁଥିପାଇଁ ସେ ଏପରି ତଥ୍ୟ ପ୍ରକାଶ କରି ତାଙ୍କ ପିତାମାତାଙ୍କୁ ଅନେକ ଚିଠି ଲେଖିଥିଲେ । ଘଟଣା ଦିନ, ମୃତକଙ୍କ ପ୍ରାୟ ପୂର୍ବାହ୍ନ 10.30 ସମୟରେ ଡି ଏବଂ ସି ଅସ୍ତ୍ରୋପଚାର ହୋଇଥିଲା, ଯେଉଁଥିପାଇଁ ତାଙ୍କୁ 50 ମିଲିଗ୍ରାମର ଫେନାର୍ଗାନ୍ ଅନ୍ତଃ ମାଂସପେଶୀ ଇଞ୍ଜେକ୍ସନ୍ ଦିଆଯାଇଥିଲା । ଅନ୍ତଃ ମାଂସପେଶୀ ଇଞ୍ଜେକ୍ସନ୍ ରେ ଦିଆଯାଇଥିବା ଏହି ପରିମାଣର ଫେନାର୍ଗାନ୍ ର ପ୍ରଭାବ 5 ରୁ 6 ଘଣ୍ଟା ପର୍ଯ୍ୟନ୍ତ ରହିବାରଥିଲା ଏବଂ ଡାକ୍ତରଙ୍କ ଜମାନବନ୍ଦୀ ଅନୁଯାୟୀ, ଜଣେ ରୋଗୀକୁ 50 ମିଗ୍ରା ଅନ୍ତଃ ମାଂସପେଶୀ ଇଞ୍ଜେକ୍ସନ୍ ଦିଆଯିବା ପରେ ଆତ୍ମହତ୍ୟା ପାଇଁ ଆବଶ୍ୟକ ବଳ ପ୍ରୟୋଗ କରି 5 ରୁ 6 ଘଣ୍ଟା ପରେ ମଧ୍ୟ ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିବାର ସ୍ଥିତିରେ ରହିବେ ନାହିଁ । ଗୀତାଙ୍କ ମୃତ୍ୟୁ ସମୟରେ ଅଭିଯୁକ୍ତ ବ୍ୟତୀତ କୋଠରୀରେ କେହି ଉପସ୍ଥିତ ନଥିଲେ ଏବଂ ଯଦି ନିଜେ ନିଜ ବେକ ଚିପି ନିଜକୁ ମାରିବାର ମାମଲା ଅଗ୍ରାହ୍ୟ ହୁଏ, ତେବେ କେବଳ ଅଭିଯୁକ୍ତଙ୍କ ବ୍ୟତୀତ ଏବଂ ଅନ୍ୟ କେହି ମୃତ ବ୍ୟକ୍ତିଙ୍କୁ ଗଳା ଚିପି ହତ୍ୟା କରିପାରିବେ ନାହିଁ । ବିଦ୍ୱାନ ଦୌରା ବିଚାରପତି ଯିଏ ଦର୍ଶାଇଥିଲେ ଯେ ଏହା

ପ୍ରମାଣିତ ଯେ ଅସ୍ତ୍ରୋପଚାର ପରେ ତୁରନ୍ତ ଅଭିଯୁକ୍ତ ମୃତକଙ୍କୁ ତାଙ୍କ ଆବାସକୁ ନେବାକୁ ଚାହୁଁଥିଲେ, କିନ୍ତୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ତୁରନ୍ତ ଡାକ୍ତରଖାନାରୁ ନ ନେବା ସତ୍ତ୍ୱେ  ମୃତ ବ୍ୟକ୍ତିଙ୍କୁ ସେ ପୂର୍ବାହ୍ନ 11.30 ରେ ତାଙ୍କ ଆବାସକୁ ନେଇଯାଇଥିଲେ । ଯେତେବେଳେ ମହିଳା ଡାକ୍ତର ପି. ଡବ୍ଲୁ . 6 ଏବଂ 7 ଅଭିଯୁକ୍ତଙ୍କ ଦ୍ୱାରା ଚିତ୍କାର ଶୁଣି ତାଙ୍କ ଆବାସକୁ ଯାଇଥିଲେ, ସେମାନେ ମୃତକଙ୍କୁ କୋଠରୀ ଭିତରେ ଏକ ଖଟରେ ପଡ଼ିଥିବାର ଦେଖିଥିଲେ ଏବଂ ତାଙ୍କ ଶରୀରକୁ ଏକ ଚଦର ଦ୍ୱାରା ଆଚ୍ଛାଦିତ କରାଯାଇଥିଲା । ମହିଳା ଡାକ୍ତରମାନଙ୍କ ମଧ୍ୟରୁ ଜଣେ ବୟାନ ଦେଇଥିଲେ ଯେ ଚାଦର ବାହାର କରିବା ପରେ ସେ ମୃତ ବ୍ୟକ୍ତିଜଣକ ସାୟା, ଶାଢ଼ୀ ଏବଂ ବ୍ଲାଉଜ୍ ପିନ୍ଧିଥିବା ଦେଖିଥିଲେ, ଯାହା ଅବ୍ୟବସ୍ଥିତ ଏବଂ ଅସଜଡା ନଥିଲା ।

ବିଦ୍ୱାନ ଦୌରା ବିଚାରପତି ଏହା ମଧ୍ୟ ଦର୍ଶାଇଛନ୍ତି ଯେ ମୋଦୀଙ୍କ ଭେଷଜ ବିଧି ଶାସ୍ତ୍ର ଏବଂ ବିଷ ବିଜ୍ଞାନ ଅନୁଯାୟୀ, ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିବା ଅତ୍ୟନ୍ତ ବିରଳ ଘଟଣା ଏବଂ ବିନା ସହାୟତାରେ, ଯେଉଁଠି ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିବା ପାଇଁ ପର୍ଯ୍ୟାପ୍ତ ବଳ ପ୍ରୟୋଗର ଆବଶ୍ୟକ ହୋଇଥାଏ, ସେଭଳି ଉପାୟରେ ଆତ୍ମହତ୍ୟା କରାଯାଇପାରିବ ନାହିଁ, କାରଣ କିଛି ବଳ ପ୍ରୟୋଗ କରିବା ପରେ, ଅସମ୍ବେଦନଶୀଳତା ଅନୁଭବ ସମୟରେ ମୁଠି ଆପେ ଆପେ ଢିଲା ହୋଇଯିବ । ଯେହେତୁ ଏହି ମାମଲାରେ, ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିବା ପାଇଁ ଏପରି କୌଣସି ଯୋଜନା ଦେଖିବାକୁ ମିଳି ନଥିଲା, ତେଣୁ ନିଜ ବେକକୁ ନିଜେ ଚିପି ଆତ୍ମା ହତ୍ୟା କରିବାର ମାମଲାକୁ ଅଗ୍ରାହ୍ୟ କରାଯାଇଥିଲା । ଅନୁରୂପ ଭାବରେ, ଅଭିଯୁକ୍ତଙ୍କ ଦ୍ୱାରା ଗଳା ଚିପି ହତ୍ୟା ଦ୍ୱାରା ମୃତ ବ୍ୟକ୍ତିଙ୍କ ହତ୍ୟା ମାମଲାର ତଥ୍ୟରେ ଏକମାତ୍ର ସମ୍ଭାବନା ଥିଲା । ତେଣୁ ବିଦ୍ୱାନ ଦୌରା ବିଚାରପତି ଅଭିଯୁକ୍ତକୁ ହତ୍ୟା ଅପରାଧରେ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ ।

ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶ ବିରୁଦ୍ଧରେ ଫୌଜଦାରୀ ଆବେଦନ ସଂଖ୍ୟା 276/1984 କୁ ଉଚ୍ଚ ନ୍ୟାୟାଳୟରେ ଅଭିଯୁକ୍ତଙ୍କ ଦ୍ୱାରା ଆଗତ କରାଯାଇଥିଲା । ଆକ୍ଷେପିତ ରାୟ ଦ୍ୱାରା, ଉଚ୍ଚ ନ୍ୟାୟାଳୟ ବିଦ୍ୱାନ ଦୌରା ବିଚାରପତିଙ୍କ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦୋଷ ଏବଂ ଦଣ୍ଡାଦେଶକୁ ବାତିଲ କରିଦେଇଛନ୍ତି ଏବଂ ସନ୍ଦେହଜନିତ ଲାଭ ଦେଇ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତଙ୍କ ଦୋଷ ଏବଂ ଦଣ୍ଡାଦେଶକୁ ଅଗ୍ରାହ୍ୟ କରି, ଉଚ୍ଚ ନ୍ୟାୟାଳୟ ମାମଲାର ନିମ୍ନଲିଖିତ ଦିଗଗୁଡ଼ିକୁ ସୂଚିତ କରିଛନ୍ତି:-

(a) ପି. ଡବ୍ଲୁ.11 ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ପରୀକ୍ଷା କରିବା ସମୟରେ ସ୍ୱରଯନ୍ତ୍ର ଏବଂ ଶ୍ୱାସନଳୀ ପ୍ରଭାବିତ ହେବା ସହିତ ବେକର ମାଂସପେଶୀରେ ଆଘାତ ଲାଗିଥିବାର ପରିଲକ୍ଷିତ କରିନଥିଲେ । ସେ ବେକ ମଝିର ଭାସମାନ ହାଡ ଭାଙ୍ଗିଥିବାର ମଧ୍ୟ ପାଇନଥିଲେ କିନ୍ତୁ ଗଳାର ଗଭୀର ସଂରଚନା ଚାପିହୋଇଥିବା ଦେଖିବାକୁ ପାଇଥିଲେ । ଯଦି କୌଣସି ଯୋଜନା ସାହାଯ୍ୟରେ ନିଜ ବେକକୁ ନିଜେ ଚିପିବା ଦ୍ୱାରା ଆତ୍ମହତ୍ୟା କରାଯାଏ, ତେବେ ମୋଦୀଙ୍କ ଭେଷଜ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନ

ଅନୁଯାୟୀ, ବେକର ମାଂସପେଶୀଗୁଡ଼ିକରେ ଗଭୀର ସଂରଚନାରେ ଆଘାତ, ଏକ ନିୟମ ଭାବେ ଅନୁପସ୍ଥିତ ରହେ ।

(b) ମୃତ ବ୍ୟକ୍ତିଙ୍କୁ ସକାଳ ପ୍ରାୟ ୫ଟାରୁ ୫ଟା 30 ମିନିଟରେ ଫେନାର୍ଗାନ୍ ଅନ୍ତଃ ମାଂସପେଶୀ ଇଞ୍ଜେକ୍ସନ୍ ଦିଆଯାଇଥିଲା । ଡି ଏବଂ ସି ଅସ୍ତ୍ରୋପଚାର କରିଥିବା ଡାକ୍ତର ପି. ଡବ୍ଲ୍ୟୁ. 6 ଙ୍କ ଅନୁଯାୟୀ, ଫେନାର୍ଗାନ୍ ଇଞ୍ଜେକ୍ସନ୍ ର ପ୍ରଭାବ 3ରୁ 4 ଘଣ୍ଟା ପର୍ଯ୍ୟନ୍ତ ରହିଥାଏ । ଶବ ବ୍ୟବଚ୍ଛେଦ ପରୀକ୍ଷା କରିଥିବା ଅନ୍ୟ ଡାକ୍ତର PW.11 ମଧ୍ୟ କହିଛନ୍ତି ଯେ 50 ମିଲିଗ୍ରାମ ଫେନାର୍ଗାନ୍ ଇଞ୍ଜେକ୍ସନ୍ ର ପ୍ରଭାବ ସର୍ବାଧିକ 3 ଘଣ୍ଟା ପର୍ଯ୍ୟନ୍ତ ରହିବ ଏବଂ 6 ଘଣ୍ଟା ପରେ ପ୍ରଭାବହିନ ହୋଇଯିବ ଏବଂ ରୋଗୀ 4 ରୁ 6 ଘଣ୍ଟା ପର୍ଯ୍ୟନ୍ତ ନିଦ୍ରିତ ରହିବେ ।

(c) ପି. ଡବ୍ଲୁ.11ଙ୍କ  ପ୍ରମାଣରୁ ସ୍ପଷ୍ଟ ଯେ ଗୀତାଙ୍କ ମୃତ୍ୟୁର ଆନୁମାନିକ ସମୟ ଜାନୁଆରୀ 11,1983 ରେ ଅପରାହ୍ନ 1. 30 ରୁ 2.00 ମଧ୍ୟରେ ଥିଲା ।

(d) ମୃତ ବ୍ୟକ୍ତି ଜଣକ ତାଙ୍କ ଶ୍ୱଶୁର ଘରେ ଅପମାନିତ କିମ୍ବା ନିର୍ଯାତିତ ହୋଇଥିବାର କୌଣସି ବିଶ୍ୱାସଯୋଗ୍ୟ ପ୍ରମାଣ ନାହିଁ । ମୃତକଙ୍କ ଦ୍ୱାରା ଲିଖିତ ଚିଠିରୁ, ଯେହେତୁ ଏହି ମାମଲାରେ ପ୍ରଦର୍ଶିତ ହୋଇଥିଲା, ଯଦିଓ ଏହା ପ୍ରକାଶ ପାଇଥିଲା ଯେ ଗୀତା ଯୌତୁକ ରାଶି ପ୍ରଦାନ କରାଯାଇନଥିବାରୁ ଅସନ୍ତୁଷ୍ଟ ଥିଲେ, କିନ୍ତୁ ଚିଠିରେ ଗୀତା ଏବଂ ତାଙ୍କ ଶାଶୁଙ୍କ ମଧ୍ୟରେ କୌଣସି ଅସାଧାରଣ ମନ୍ଦ ଭାବନା ପ୍ରକାଶ କରାଯାଇ ନଥିଲା ।

(e) ମୃତକଙ୍କ ପ୍ରତି ଅଭିଯୁକ୍ତଙ୍କ ଆଚରଣ ମୃତକଙ୍କ କଲ୍ୟାଣ ପାଇଁ ତାଙ୍କର ଚିନ୍ତାକୁ ଦର୍ଶାଇଥିଲା । ଉଭୟ ମୌଖିକ ଏବଂ ଲିଖିତ ପ୍ରମାଣରୁ ଏହା ପ୍ରକାଶ ପାଇଥିଲା ଯେ ଅଭିଯୁକ୍ତ ମହିଳା ପ୍ରସୂତି ସମ୍ବନ୍ଧୀୟ ସମସ୍ୟା ପାଇଁ ମୃତ ମହିଳାଙ୍କୁ ନିୟମିତ ଚିକିତ୍ସା କରାଉଥିଲେ ।

(f) ମୃତ୍ୟୁ ସମୟରେ ଅଭିଯୁକ୍ତ ଜଣକ ତାଙ୍କ ସହିତ ଏକୁଟିଆ ଥିଲେ ବୋଲି ବିଶ୍ୱାସଯୋଗ୍ୟ ଭାବରେ ପ୍ରମାଣିତ ହୋଇନାହିଁ । ଯଦିଓ ଆବାସରୁ ଶବ୍ଦ ଶୁଣି ଅଭିଯୁକ୍ତଙ୍କ ଆବାସକୁ ଆସିଥିବା ଡାକ୍ତର (ପି. ଡବ୍ଲ୍ୟୁ. 7) କହିଛନ୍ତି ଯେ କୋଠରୀକୁ ଯିବା ପାଇଁ ପଛ ପାର୍ଶ୍ୱରେ ଥିବା ପ୍ରବେଶ ଦ୍ୱାର ଭିତରୁ ବନ୍ଦ ଥିଲା, କିନ୍ତୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 161 ଅନୁଯାୟୀ ତାଙ୍କୁ କରାଯାଇଥିବା ପରୀକ୍ଷାରେ ସେ ଏପରି ତଥ୍ୟ ପ୍ରଦାନ କରିନଥିଲେ । ଅନ୍ୟ ଡାକ୍ତର (ପି. ଡବ୍ଲ୍ୟୁ. 6) ପି. ଡବ୍ଲ୍ୟୁ. 7 ପରେ ପହଞ୍ଚିଥିଲେ ଏବଂ ସେ ମଧ୍ୟ ପୁଲିସକୁ  କହି ନଥିଲେ ଯେ ଉକ୍ତ ଦ୍ୱାରଟି ଭିତରୁ ବନ୍ଦ ଥିଲା । ଯାଞ୍ଚ ଅଧିକାରୀ ମଧ୍ୟ ଡାକ୍ତରମାନଙ୍କୁ ପଚାରି ବୁଝି ନଥିଲେ ଯେ କବାଟ ଭିତରୁ ବନ୍ଦ ଥିଲା କି ନାହିଁ । ଯଦି ଉକ୍ତ ଦ୍ୱାର ଭିତରୁ ବନ୍ଦ ହୋଇନଥିଲା, ତେବେ ଏହି ପଛ ଦ୍ୱାର ଦେଇ ତୃତୀୟ ବ୍ୟକ୍ତିଙ୍କ ପ୍ରବେଶ ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ତେଣୁ, ଅଭିଯୁକ୍ତ ଜଣକ ଘରେ ମୃତ ବ୍ୟକ୍ତିଙ୍କ ସହିତ ଏକୁଟିଆ ଥିଲେ ବୋଲି କୌଣସି ନିର୍ଣ୍ଣାୟକ ପ୍ରମାଣ ନାହିଁ ।

(g) ଶେଷ ଥର ପାଇଁ ଏକତ୍ର ଦେଖାଯାଇଥିବା ସିଦ୍ଧାନ୍ତ ସାର୍ବଜନୀନ ପ୍ରୟୋଗ ପାଇଁ ନୁହେଁ ଏବଂ ଦୋଷକୁ ସର୍ବଦା ବଜାୟ ରଖିବା ପାଇଁ ଯଥେଷ୍ଟ ହୋଇନପାରେ ଯେପର୍ଯ୍ୟନ୍ତ ପରିସ୍ଥିତି ଶୃଙ୍ଖଳା ଅନ୍ୟ ଦ୍ୱାରା ସମର୍ଥିତ ନପାଇଛି ।

(h) ଘଟଣା ସମୟରେ ଅଭିଯୁକ୍ତର ଅସ୍ଥିର ଏବଂ ବୁଦ୍ଧିବଣା ଆଚରଣ ଅତ୍ୟନ୍ତ ସ୍ୱାଭାବିକ ଥିଲା କାରଣ ବୋହୂ ହଠାତ୍ ମୃତ୍ୟୁବରଣ କଲେ ଅସ୍ଥିର ଏବଂ ହତବୁଦ୍ଧିରେ ପଡ଼ିବା ଅସ୍ୱାଭାବିକ ନୁହେଁ ।

(i) ଏହା ସତ୍ୟ ନଥିଲା ଯେ ଅଭିଯୁକ୍ତଙ୍କ ଦ୍ୱାରା ମୃତକଙ୍କ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଏକ ଚାଦର ଦ୍ୱାରା ଆଚ୍ଛାଦିତ ହୋଇଥିଲା । ପି. ଡବ୍ଲ୍ୟୁ. 7 ମୃତକଙ୍କୁ ପ୍ରଥମେ ଦେଖିଥିବା ଡାକ୍ତର ଏହା କହି ନଥିଲେ ଯେ ମୃତକଙ୍କ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ସେପରି ଆଚ୍ଛାଦିତ ଥିଲା । ପି. ଡବ୍ଲ୍ୟୁ. 6 ଆହୁରି ଅଧିକ ନିର୍ଦ୍ଦିଷ୍ଟ ହୋଇ କହିଛନ୍ତି ଯେ ମୃତକ ଜଣକ ବେକରୁ ପାଦ ପର୍ଯ୍ୟନ୍ତ ଏକ ଚାଦରରେ ଆଚ୍ଛାଦିତ ହୋଇ ଥିଲେ । ଅସ୍ତ୍ରୋପଚାର ହୋଇଥିବା ଜଣେ ରୋଗୀଙ୍କ ପାଇଁ ବେକରୁ ପାଦ ପର୍ଯ୍ୟନ୍ତ ଏକ ଚାଦର ଦ୍ୱାରା ଆଚ୍ଛାଦିତ ହେବା ଅସ୍ୱାଭାବିକ ନଥିଲା ।

(j) ସକାଳେ 11.30 ରେ ମୃତ ବ୍ୟକ୍ତିଙ୍କୁ ତାଙ୍କ ଆବାସକୁ ନେବା ପାଇଁ ଅଭିଯୁକ୍ତଙ୍କ ପାଇଁ ଅସ୍ୱାଭାବିକ କିମ୍ବା ଅନୁଚିତ କିଛି ନଥିଲା ଯେତେବେଳେ ଅସ୍ତ୍ରୋପଚାର ଯାହା ଏକ ଛୋଟ ଅସ୍ତ୍ରୋପଚାର ଥିଲା ଏବଂ ପୂର୍ବାହ୍ନ 10.30 ସମୟ ରେ ସମାପ୍ତ ହୋଇଥିଲା । 11.30 ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ, ମୃତ ବ୍ୟକ୍ତିଙ୍କୁ ଆବାସକୁ ନିଆଯାଇଥିଲା ଯାହା ଡାକ୍ତରଖାନାଠାରୁ ମାତ୍ର 20 ରୁ 30 ହାତ ଦୂରରେ ଥିଲା ।

(k) ଅଭିଯୁକ୍ତଙ୍କ ଦ୍ୱାରା ପୋଲିସ୍‌କୁ ରିପୋର୍ଟ କରିବାରେ କିଛି ଅନୁଚିତ ନଥିଲା ଯେ ମୃତକ ଆତ୍ମହତ୍ୟା କରିଛନ୍ତି କାରଣ ସେ ବିଶ୍ୱାସ କରିଥିଲେ ଯେ ମୃତକ ଜଣକ ଆତ୍ମହତ୍ୟା କରିଛନ୍ତି ଏବଂ ମୃତକ ଜଣକ ଆତ୍ମହତ୍ୟା କରିନାହାଁନ୍ତି ବୋଲି ପି. ଡବ୍ଲ୍ୟୁ. 6 ଏବଂ 7 ଅଭିଯୁକ୍ତଙ୍କ ବିଶ୍ୱାସକୁ ଖଣ୍ଡନ କରିନାହାଁନ୍ତି ।

ଉଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଏହି ମାମଲାରେ ପ୍ରମାଣିତ ହୋଇଥିବା ତଥ୍ୟ ଏବଂ ପରିସ୍ଥିତିରୁ ଏହା ସ୍ଥିର କରିବା ସମ୍ଭବ ନୁହେଁ ଯେ ଅଭିଯୁକ୍ତ ଜଣକ ମୃତ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି । ତେଣୁ, ସନ୍ଦେହଜନିତ ଲାଭ ଦ୍ୱାରା ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା ।

ଆବେଦନର ଶୁଣାଣି ସମୟରେ, ଅଭିଯୁକ୍ତ-ଉତ୍ତରଦାତାଙ୍କ ପକ୍ଷରୁ ହାଜର ହୋଇଥିବା ଶ୍ରୀ ରଞ୍ଜିତ କୁମାର ଦୃଢ଼ତାର ସହ ଯୁକ୍ତି ଦର୍ଶାଇଛନ୍ତି ଯେ ପରିସ୍ଥିତିଗତ ପ୍ରମାଣ ଆଧାରରେ ଦୋଷୀ ସାବ୍ୟସ୍ତ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ପରିସ୍ଥିତି ସ୍ପଷ୍ଟ ଭାବରେ ପ୍ରମାଣିତ ଏବଂ ମାମଲାରେ ଉପସ୍ଥାପିତ ବିଶ୍ୱସନୀୟ ଏବଂ ବିଶ୍ୱାସଯୋଗ୍ୟ ପ୍ରମାଣ ଦ୍ୱାରା ସ୍ଥାପିତ ହୋଇନାହିଁ, ଯାହା ଘଟଣାଗୁଡ଼ିକର ଏକ ସମ୍ପୂର୍ଣ୍ଣ ଶୃଙ୍ଖଳା ସୃଷ୍ଟି କରେ, ଯେଉଁଥିରୁ ଅପରାଧ କରିବାରେ ଅଭିଯୁକ୍ତଙ୍କ ସହଭାଗିତା ବିଷୟରେ ଅନୁମାନ ବ୍ୟତୀତ ଅନ୍ୟ କୌଣସି ଅନୁମାନ ସମ୍ଭବ ନୁହେଁ ।

ଶ୍ରୀ କୁମାର ଦର୍ଶାଇଛନ୍ତି ଯେ ନଥିରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି ଯେ ଅଭିଯୁକ୍ତ ଏବଂ ତାଙ୍କ ବୋହୂ, ଅର୍ଥାତ୍ ମୃତ ବ୍ୟକ୍ତିଙ୍କ ମଧ୍ୟରେ ଥିବା ଭଲପାଇବା ନଷ୍ଟ ହୋଇନାହିଁ । ଅପରପକ୍ଷରେ, ଅଭିଯୁକ୍ତ ଜଣକ ତାଙ୍କ ବୋହୂଙ୍କୁ ନିୟମିତ ଭାବରେ ପରୀକ୍ଷା କରିବା ଏବଂ ସ୍ତ୍ରୀରୋଗ ସମ୍ବନ୍ଧୀୟ ସମସ୍ୟା ପାଇଁ ଚିକିତ୍ସା କରିବା ପାଇଁ ଯତ୍ନ ନେଉଥିଲେ । ସହମତ ଯୌତୁକ ରାଶି ପ୍ରଦାନ ନକରିବା ପାଇଁ କିଛି ତିକ୍ତତା ଥିଲା କିନ୍ତୁ ଏପରି ପ୍ରଦାନ ନକରିବା ପାଇଁ, ମୃତକଙ୍କୁ ହଇରାଣ କିମ୍ବା ନିର୍ଯ୍ୟାତନା ଦିଆଯାଉନଥିଲା । ଉଚ୍ଚ ନ୍ୟାୟାଳୟ ତାଙ୍କ ପିତାମାତାଙ୍କୁ ମୃତ ମହିଳାଙ୍କ ଦ୍ୱାରା ଲିଖିତ ଚିଠିକୁ ବିଚାର କରିବା ପରେ କହିଛନ୍ତି ଯେ ସହମତ ଯୌତୁକ ରାଶି ପ୍ରଦାନ କରିନଥିବାରୁ ଅଭିଯୁକ୍ତଙ୍କ ଅସନ୍ତୋଷ ସତ୍ତ୍ୱେ, ଚିଠିରେ ଏପରି କିଛି ନାହିଁ ଯାହା ସୂଚିତ କରେ ଯେ ମୃତ ବ୍ୟକ୍ତିଙ୍କୁ ନିର୍ଯ୍ୟାତନା ଦିଆଯାଇଥିଲା କିମ୍ବା ଆକ୍ରମଣ କରାଯାଇଥିଲା କିମ୍ବା ତାଙ୍କ ପିତାମାତାଙ୍କ ଘରକୁ ଯିବାକୁ ଅନୁମତି ଦିଆଯାଇ ନଥିଲା ।

ଶ୍ରୀ କୁମାର ଦର୍ଶାଇଛନ୍ତି ଯେ ଏହି ମାମଲାରେ ମୃତକଙ୍କୁ ହତ୍ୟା କରିବା ପାଇଁ ଅଭିଯୁକ୍ତଙ୍କ ଉଦ୍ଦେଶ୍ୟ ପ୍ରତିଷ୍ଠିତ ହୋଇନାହିଁ । ପ୍ରତ୍ୟକ୍ଷ ସାକ୍ଷ୍ୟ ମାମଲାରେ, ଅଭିଯୁକ୍ତଙ୍କ ବିରୋଧରେ ପ୍ରମାଣ ହାସଲ କରିବା ଉଦ୍ଦେଶ୍ୟରେ ଅଭିପ୍ରାୟର ଅନୁପସ୍ଥିତି, ଏହାର ଗୁରୁତ୍ୱ ହରାଇପାରେ, କିନ୍ତୁ ପରିସ୍ଥିତିଗତ ପ୍ରମାଣ କ୍ଷେତ୍ରରେ ଏହାର ବହୁତ ଗୁରୁତ୍ୱ ରହିଛି । ଯଦିଓ ଏହା ଅନୁମାନ କରାଯାଏ ଯେ ଯୌତୁକ ପରିମାଣର ଯଥେଷ୍ଟ ଅଂଶ ପାଇବା ପରେ ଅଭିଯୁକ୍ତ ସନ୍ତୁଷ୍ଟ ହୋଇନଥିଲେ ଏବଂ ଅଧିକ ଦେୟ ପାଇଁ ଜିଦ୍ ଧରିଥିଲେ, ତଥାପି ଏହା ସୁରକ୍ଷିତ ଭାବରେ ଅନୁମାନ କରାଯାଇପାରିବ ନାହିଁ ଯେ ସେ ଏତେ ମାତ୍ରାରେ ଖରାପ ଭାବନା ପୋଷଣ କରୁଥିଲେ ଯାହା ତାଙ୍କୁ ତାଙ୍କ ବୋହୂକୁ ହତ୍ୟା କରିବାକୁ ବାଧ୍ୟ କରିଥିଲା ।

ଶ୍ରୀ କୁମାର ଏହା ମଧ୍ୟ ଦର୍ଶାଇଛନ୍ତି ଯେ ମୃତକଙ୍କୁ ପୂର୍ବାହ୍ନ ୫ଟାରୁ ୫.30 ମଧ୍ୟରେ 50 ମି. ଗ୍ରା. ଫେନାର୍ଗାନ୍ ଅନ୍ତଃ ମାଂସପେଶୀ ଇଞ୍ଜେକ୍ସନ୍ ଦିଆଯାଇଥିଲା । ଶବବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ମୃତ୍ୟୁର ଆନୁମାନିକ ସମୟ ଅପରାହ୍ନ 1.30 ଥିଲା । ଅଭିଯୁକ୍ତ ଜଣକ କହିଛନ୍ତି ଯେ ଅପରାହ୍ନ 2.30 ସମୟରେ ଯେତେବେଳେ ସେ ଶୋଇକି ଉଠିଲେ, ସେ ତାଙ୍କ ବୋହୂଙ୍କୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ । ଉପସ୍ଥାପିତ ପ୍ରମାଣରୁ ଏହା ସ୍ପଷ୍ଟ ଯେ ମୃତକଙ୍କୁ ଇଞ୍ଜେକ୍ସନ୍ ଦେବା ସମୟରେ ଏବଂ ତାଙ୍କ ମୃତ୍ୟୁର ସମୟ ମଧ୍ୟରେ ପ୍ରାୟ 5 ରୁ ସାଢ଼େ 5 ଘଣ୍ଟା ବିତିଯାଇଥିଲା । ଏହିପରି ଫେନାର୍ଗାନ୍ ଇଞ୍ଜେକ୍ସନ୍‌ର ପ୍ରଭାବ 5 ରୁ 6 ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ପ୍ରଭାବହିନ ହୋଇଯାଏ । ତେଣୁ, ଏହା କହିବାରେ କୌଣସି ଅସୁବିଧା ନାହିଁ ଯେ ଆତ୍ମହତ୍ୟା କରିବା ସମୟରେ, ମୃତକ ଜଣକ ଫେନାର୍ଗାନ୍ ଇଞ୍ଜେକ୍ସନ୍ ପ୍ରଭାବରୁ ମୁକ୍ତ ଥିଲେ ଏବଂ ନିଜ ବେକକୁ ନିଜେ ଚିପିବା ଦ୍ୱାରା ଆତ୍ମହତ୍ୟା କରିବାକୁ ଶାରୀରିକ ଭାବରେ ସକ୍ଷମ ଥିଲେ ।

ଶ୍ରୀ କୁମାର ଦର୍ଶାଇଛନ୍ତି ଯେ ଯଦିଓ ନିଜ ବେକକୁ ନିଜେ ଚିପିବା ଦ୍ୱାରା ଆତ୍ମହତ୍ୟା ଏକ ବିରଳ ଘଟଣା, ତଥାପି ଏଭଳି ଆତ୍ମହତ୍ୟାର ଉଦାହରଣ ରହିଛି । ଶ୍ରୀ କୁମାର ଆହୁରି ଦର୍ଶାଇଛନ୍ତି ଯେ ଶବବ୍ୟବଚ୍ଛେଦ ପରୀକ୍ଷା କରୁଥିବା ଡାକ୍ତର କହିଛନ୍ତି ଯେ ସେ ବେକର ଗଭୀର ସଂରଚନାରେ ଥିବା ମାଂସପେଶୀଗୁଡ଼ିକରେ ଆଘାତ ଲକ୍ଷ୍ୟ କରିଛନ୍ତି । ମୋଦୀଙ୍କ ଭେଷଜ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନ

ଅନୁଯାୟୀ ନିଜର ବେକକୁ ନିଜେ ଚିପି ଆତ୍ମହତ୍ୟା କରିବାର ଏଭଳି ଆଘାତ ଆତ୍ମହତ୍ୟା ମାମଲାରେ ନିୟମଭାବରେ ଅନୁପସ୍ଥିତ ଥାଏ । ମୋଦୀଙ୍କ ଭେଷଜ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନରେ ପ୍ରଦାନ କରାଯାଇଥିବା ମତକୁ ଉଚ୍ଚ ବିଶ୍ୱାସଯୋଗ୍ୟ ମୂଲ୍ୟ ପ୍ରଦାନ କରାଯାଇଥାଏ । ଅତିକମ୍‌ରେ, ବେକ ମାଂସପେଶୀର ଗଭୀର ଢାଞ୍ଚାରେ ଏପରି ଆଘାତର ଉପସ୍ଥିତି ଯୁକ୍ତିଯୁକ୍ତ ସନ୍ଦେହ ସୃଷ୍ଟି କରେ ଯେ ମୃତ୍ୟୁ କାହା ଦ୍ୱାରା ଗଳା ଚିପି ହତ୍ୟା କିମ୍ବା ନିଜ ବେକକୁ ନିଜେ ଚିପିବା ଦ୍ୱାରା ଆତ୍ମହତ୍ୟା କାରଣରୁ ହୋଇଥିଲା ଏବଂ ସନ୍ଦେହଜନିତ ଲାଭ ଅଭିଯୁକ୍ତକୁ ଯିବା ଉଚିତ୍ । ତେଣୁ ଉଚ୍ଚ ନ୍ୟାୟାଳୟ ଉଚିତ ଭାବେ ସନ୍ଦେହ ଜନିତ ଲାଭ ଅଭିଯୁକ୍ତଙ୍କୁ ପ୍ରଦାନ କରିଛନ୍ତି ।

ଶ୍ରୀ କୁମାର ଯୁକ୍ତି କରିଛନ୍ତି ଯେ ଯେପର୍ଯ୍ୟନ୍ତ ନିଜ ବେକକୁ ନିଜେ ଚିପିବା ଦ୍ୱାରା ଆତ୍ମହତ୍ୟାର ସମ୍ଭାବନାକୁ ଅଗ୍ରାହ୍ୟ କରାନଯାଇଛି ଏବଂ ପଛ ଦ୍ୱାର ଦେଇ କେହି ଘରେ ପ୍ରବେଶ କରିବାର ସମ୍ଭାବନାକୁ ଅଗ୍ରାହ୍ୟ କରାନଯାଇଛି, ସେ ପର୍ଯ୍ୟନ୍ତ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ, ଯଦିଓ ଏଠାରେ ଏହା ବିଚାର କରାଯାଇଛି ଯେ ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କାରଣରୁ ମୃତ୍ୟୁ ହୋଇନଥିଲା, କିନ୍ତୁ ଏହା ଗଳା ଚିପି ହତ୍ୟା କରାଯାଇଥିବାର ଏକ ମାମଲା ଥିଲା । ଶ୍ରୀ କୁମାର ଯୁକ୍ତି କରିଛନ୍ତି ଯେ ପଛ ଦ୍ୱାର ଭିତରୁ ବନ୍ଦ ଥିଲା କି ନାହିଁ ପୁଲିସ ଦ୍ୱାରା ଅନୁସନ୍ଧାନ କରାଯିବା ଉଚିତ୍ ଥିଲା । ଡାକ୍ତର, P.Ws.6 ଏବଂ 7 ମାନଙ୍କ ଦ୍ୱାରା, ପଛ ଦ୍ୱାରର ପ୍ରକୃତ ସ୍ଥିତି ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପୁଲିସ ସାମ୍ନାରେ ଅନୁପସ୍ଥିତ କରାନଯାଇପାରେ । ଅତିକମ୍ ରେ, ପୁଲିସକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 161 ଅନୁଯାୟୀ ଯାଞ୍ଚ ସମୟରେ ଉକ୍ତ ସାକ୍ଷୀମାନଙ୍କୁ ପଛ ଦ୍ୱାରର ସ୍ଥିତି ଜାଣିବା ପାଇଁ ପ୍ରଶ୍ନ କରିବା ଉଚିତ୍ ଥିଲା । ପୁଲିସ ଦ୍ୱାରା ଏପରି ଅନୁସନ୍ଧାନର ଅନୁପସ୍ଥିତି, ପି. ଡବ୍ଲ୍ୟୁ. 6 ଏବଂ 7 ଦ୍ୱାରା ପଛ ଦ୍ୱାରର ସ୍ଥିତି ବିଷୟରେ ପୋଲିସ୍‌କୁ ଏପରି କୌଣସି ବିବୃତି ଦିଆଯାଇ ନଥିଲା, ଯାହା ପଛ ଦ୍ୱାରର ପ୍ରକୃତ ସ୍ଥିତି ବିଷୟରେ ଗୁରୁତର ସନ୍ଦେହ ସୃଷ୍ଟି କରେ । ଏହା ଅସମ୍ଭବ ନୁହେଁ ଯେ ଡାକ୍ତରମାନେ ଏପରି ତଥ୍ୟକୁ ଲକ୍ଷ୍ୟ କରିବାରେ ବିଫଳ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ଯେତେବେଳେ ସେମାନେ ଏହି ମାମଲାରେ ବୟାନ ଦେଇଥିଲେ, ସମୟକ୍ରମେ ସ୍ମୃତିଶକ୍ତି ହ୍ରାସ ହେତୁ ଡାକ୍ତରମାନେ ଏକ ଭୁଲ ବିବୃତି ଦେଇଥିଲେ । ସଂକ୍ଷେପରେ, ଠିକ୍ ଏହି କାରଣରୁ, ଅପରାଧ ଘଟିବା ସମୟରେ ପଛ ଦ୍ୱାରର ପ୍ରକୃତ ସ୍ଥିତି ବିଷୟରେ ଉଚ୍ଚ ନ୍ୟାୟାଳୟ ସନ୍ଦେହ ପ୍ରକଟ କରିଛନ୍ତି ।

ଶ୍ରୀ କୁମାର ଦର୍ଶାଇଛନ୍ତି ଯେ ଅଭିଯୁକ୍ତ କିଛି ସମୟ ପାଇଁ ମଧ୍ୟ ମୃତ୍ୟୁର ତଥ୍ୟକୁ ଲୁଚାଇ ନାହାଁନ୍ତି ଏବଂ ହତ୍ୟା ଘଟଣାର ପ୍ରମାଣ ଲୁଚାଇବାକୁ ଚେଷ୍ଟା କରିନାହାନ୍ତି । ଅପରପକ୍ଷରେ, ଜଣେ ସ୍ନେହୀ ଶାଶୁଙ୍କ ସ୍ୱାଭାବିକ ପ୍ରତିକ୍ରିୟା ଦ୍ୱାରା ପ୍ରେରିତ ହୋଇ, ସେ ତୁରନ୍ତ ତାଙ୍କ ବୋହୂଙ୍କୁ ମୃତ ଅବସ୍ଥାରେ ଦେଖି ଚିତ୍କାର କରିଥିଲେ, ଏବଂ ଡାକ୍ତରଖାନାର ଡାକ୍ତରମାନେ ତାଙ୍କ ଆବାସକୁ ଧାଇଁ ଯାଇଥିଲେ ଏବଂ ମୃତ ବ୍ୟକ୍ତିଙ୍କୁ ପରୀକ୍ଷା କରିବାର ସୁଯୋଗ ପାଇଥିଲେ । ଅଭିଯୁକ୍ତ ଜଣକ ତୁରନ୍ତ ସମ୍ବଲପୁର ଟାଉନ୍ ପୋଲିସ୍‌କୁ ତାଙ୍କ ବୋହୂଙ୍କ ଉକ୍ତ ମୃତ୍ୟୁ ବିଷୟରେ ଅବଗତ କରାଇଥିଲେ । ଯେହେତୁ ମୃତ୍ୟୁର କାରଣ ଜଣା ପଡ଼ି ନଥିଲା

ଏବଂ ଅଭିଯୁକ୍ତ ଯୁକ୍ତିଯୁକ୍ତ ଭାବରେ ବିଶ୍ୱାସ କରିଥିଲେ ଯେ ତାଙ୍କ ବୋହୂ ଆତ୍ମହତ୍ୟା କରିଛନ୍ତି, ଏହିପରି ତଥ୍ୟ ପୁଲିସକୁ ନ୍ୟାୟସଙ୍ଗତ ଭାବରେ କୁହାଯାଇଥିଲା । ଆବେଦନକାରୀଙ୍କ ଏପରି ଆଚରଣକୁ ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ସ୍ୱାଭାବିକ ବୋଲି ଦର୍ଶାଇଛନ୍ତି ଏବଂ ଅଭିଯୁକ୍ତଙ୍କୁ ଦୋଷୀ ଭାବେ କୌଣସି ସନ୍ଦେହ ମଧ୍ୟ ସୃଷ୍ଟି କରିପାରିବେ ନାହିଁ । ଶ୍ରୀ କୁମାର ଦର୍ଶାଇଛନ୍ତି ଯେ ମାମଲାର ପ୍ରମାଣକୁ ବିଶ୍ଳେଷଣ କରି ଅତ୍ୟନ୍ତ ଯୁକ୍ତିଯୁକ୍ତକାରଣ ଦର୍ଶାଇ ଉଚ୍ଚ ନ୍ୟାୟାଳୟ  ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ତେଣୁ ଦୋଷମୁକ୍ତିର ଏପରି ଆଦେଶରେ ଏହି ନ୍ୟାୟାଳୟ ହସ୍ତକ୍ଷେପ କରିବା ଉଚିତ ନୁହେଁ ।

ତଥାପି, ଆମେ ଶ୍ରୀ କୁମାରଙ୍କ ନିବେଦନକୁ ଗ୍ରହଣ କରିବାରେ ଅସମର୍ଥ । ଆମେ ମଧ୍ୟ ସହମତ ହେବାରେ ଅସମର୍ଥ ଯେ ମାମଲାର ତଥ୍ୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦୋଷ ମୁକ୍ତିର ଆକ୍ଷେପିତ ଆଦେଶ ଯଥାର୍ଥ ଥିଲା । ଦୌରା ମାମଲାର ବିଚାର ସମୟରେ ପ୍ରଦର୍ଶିତ ହୋଇଥିବା ମୃତ ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ଚିଠିଗୁଡ଼ିକ ସ୍ପଷ୍ଟ ଭାବରେ ପ୍ରକାଶ କରେ ଯେ ଯୌତୁକ ରାଶି ୪,000/ଟଙ୍କା ପ୍ରଦାନ ନକରିବା ଦ୍ୱାରା ମୃତକ ଯଥେଷ୍ଟ ମାନସିକ ଆଘାତ ଭୋଗିଥିଲେ । ପିତାଙ୍କୁ ଲେଖିଥିବା ତାଙ୍କ ଚିଠିରେ (ଇଏକ୍ସଟି. 17), ମୃତକ ସ୍ପଷ୍ଟ ଭାବରେ ସୂଚିତ କରିଥିଲେ ଯେ ବିଭାଘର ସମୟରେ କରାଯାଇଥିବା ୪000/ ଟଙ୍କାର ଉକ୍ତ ଦାବିକୁ ପରିଶୋଧ ନକରିବା କାରଣରୁ, ତାଙ୍କୁ ତାଙ୍କ ଶ୍ୱଶୁର ଘରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଏବଂ ଯଦି ଶୀଘ୍ର ସେହି ରାଶି ପଠାଯାଏ ତେବେ ସେ ଖୁସି ହେବେ । ମୃତକଙ୍କ ଦ୍ୱାରା ତାଙ୍କ ଭାଇ ବୁଦାଙ୍କୁ 28.11.1982 ତାରିଖରେ ଲେଖାଯାଇଥିବା ଅନ୍ୟ ଏକ ଚିଠିରେ ସେ ପ୍ରକାଶ କରିଥିଲେ ଯେ କେହି ତାଙ୍କ ଦୁଃଖ ଜାଣି ନାହାଁନ୍ତି, ଏବଂ ସେ କ 'ଣ କରିବେ ଜାଣି ନାହାଁନ୍ତି । ସେ କେବଳ ଜାଣିଥିଲେ ଯେ ତାଙ୍କ ହାତରେ ଏବଂ ଗୋଡ଼ରେ ସେ କିପରି ପିଡ଼ା ପାଆନ୍ତି ସେ କେବଳ ଜାଣିଛନ୍ତି । 5.9.1982 ତାରିଖ ଚିଠିରେ (ଇଏକ୍ସଟି. 17/4) ମୃତକ ତାଙ୍କ ମାଆଙ୍କୁ ଲେଖିଥିଲେ ଏବଂ କହିଥିଲେ ଯେ ସେ ଘରକୁ ଯିବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ତାହା ସ୍ୱାଗତଯୋଗ୍ୟ ଏବଂ ପ୍ରଭାବଶାଳୀ ନଥିଲା । ମାଆ ନିଶ୍ଚିତ ଭାବରେ ଶାଶୁଙ୍କ ବିଷୟରେ ଶୁଣିଥିବେ ଯେ ସେ ସେତେବେଳେ କେତେ ରାଗିଥିଲେ । ତାଙ୍କ ସ୍ୱାମୀ ତାଙ୍କୁ ତାଙ୍କ ପିତାମାତାଙ୍କ ଘରକୁ ଯିବା ପାଇଁ ଦୁଇରୁ ତିନି ମାସ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ବଡ଼ ଭାଇ ଯେତେବେଳେ ତାଙ୍କ ପାଖକୁ ଆସିଲେ, ସେ ଆଶ୍ୱାସନା ଦେଲେ ଯେ ଅବଶିଷ୍ଟ ରାଶି 2ରୁ 3 ମାସ ମଧ୍ୟରେ ପ୍ରଦାନ କରାଯିବ, କିନ୍ତୁ ଏହି ଦେୟ ରାଶି କଣ ହେଲା ସେ ବିଷୟରେ ସେ କିଛି ଜାଣିନଥିଲେ । ଏପରି ଦେୟ ବିଷୟରେ ବାପାଙ୍କୁ ଜଣାଇବାକୁ ମାଆଙ୍କୁ ଅନୁରୋଧ କରାଯାଇଥିଲା, ନଚେତ୍ ତାଙ୍କ ପ୍ରତି ଖରାପ ବ୍ୟବହାର କରାଯିବ । ମୃତ୍ୟୁର କିଛି ସମୟ ପୂର୍ବରୁ 26.12.1982 ତାରିଖରେ ଲେଖାଯାଇଥିବା ଅନ୍ୟ ଏକ ଚିଠିରେ, ତାଙ୍କ ଭାଉଜଙ୍କୁ (ଇଏକ୍ସଟି. 17/6), ମୃତକ ଲେଖିଥିଲେ ଯେ ବିବାହ ବିଷୟରେ କେହି କାହାକୁ ଦୋଷ ଦେବା ଉଚିତ୍ ନୁହେଁ । ତାଙ୍କ ଭାଗ୍ୟରେ ଯାହା ଲେଖାଯାଇଥିଲା ତାହା ଘଟିଥିଲା । ତାଙ୍କୁ ତାଙ୍କ ଶ୍ୱଶୁର ଘରେ ଅନେକ ପରିହାସ ଶବ୍ଦ (ବୋଧହୁଏ ଅପମାନବୋଧକ ଶବ୍ଦ) ଶୁଣିବାକୁ ପଡୁଥିଲା । ଏ ସବୁ କଥା ମାଆ, ଭାଇ ଏବଂ ଭଉଣୀଙ୍କ ଠାରୁ ଭାଉଜ ଜାଣିଥିବେ । ସେ ଏହା ମଧ୍ୟ ଲେଖିଥିଲେ ଯେ ଭାଉଜ ମୃତକଙ୍କ ପାଇଁ ଚିନ୍ତା କରିବେ ନାହିଁ କିନ୍ତୁ ସମସ୍ୟାର ସମାଧାନ କିପରି ହୋଇପାରିବ ତାହା ଚେଷ୍ଟା

କରିବା ଉଚିତ୍ । ଆମ ମତରେ, ଏଭଳି ଚିଠିଗୁଡ଼ିକ ସ୍ପଷ୍ଟ ଭାବେ ସୂଚିତ କରେ ଯେ ଯୌତୁକ ରାଶି ପ୍ରଦାନ ନକରିବା କାରଣରୁ ମୃତକ ଶ୍ୱଶୁର ଘରେ ଅପମାନିତ ହୋଇଥିଲେ ଏବଂ ଏହା ସ୍ପଷ୍ଟ କରାଯାଇଥିଲା ଯେ ଯଦି ଶାଶୁ ମୃତକଙ୍କ ରହିବେ ନାହିଁ, କେହି ତାଙ୍କୁ ସାହାଯ୍ୟ କରିପାରିନଥାନ୍ତେ ଏବଂ ତାଙ୍କୁ ଖରାପ ବ୍ୟବହାର ଦେଖାଇଥାନ୍ତେ ।

ପ୍ରମାଣରୁ ଏହା ସ୍ପଷ୍ଟ ଭାବରେ ପ୍ରତିଷ୍ଠିତ ହୋଇଛି ଯେ ମୃତ୍ୟୁ ତାରିଖରେ, ମୃତକଙ୍କୁ ପ୍ରସୂତି ଡାକ୍ତରଖାନାରେ ସକାଳ 10.30 ସମୟରେ ଡି ଏବଂ ସି ଅସ୍ତ୍ରୋପଚାର କରାଯାଇଥିଲା । ଏହି ଉଦ୍ଦେଶ୍ୟରେ ସକାଳ ୫ଟାରୁ ୫.30 ମଧ୍ୟରେ ତାଙ୍କୁ 50 ମି. ଗ୍ରା. ଫେନାର୍ଗାନ୍ ଇଞ୍ଜେକ୍ସନ୍ (ଅନ୍ତଃ ମାଂସପେଶୀ) ଦିଆଯାଇଥିଲା । ଡି ଏବଂ ସି ଅସ୍ତ୍ରୋପଚାର  ପ୍ରାୟ ପୂର୍ବାହ୍ନ 10.30 ସମୟରେ କରାଯାଇଥିଲା ଯଦିଓ ଅଭିଯୁକ୍ତ ଅସ୍ତ୍ରୋପଚାର ପରେ ମୃତକଙ୍କୁ ତାଙ୍କ ଆବାସକୁ ନେବାକୁ ଚାହୁଁଥିଲେ, କିନ୍ତୁ ତାଙ୍କୁ ତୁରନ୍ତ ନ ନେବାକୁ ପରାମର୍ଶ ଦିଆଯାଇଥିଲା । ଅସ୍ତ୍ରୋପଚାର ହେବାର ଏକ ଘଣ୍ଟା ମଧ୍ୟରେ ଅଭିଯୁକ୍ତ ଜଣକ ମୃତକଙ୍କୁ ତାଙ୍କ ଆବାସକୁ ନେଇଯାଇଥିଲେ । ପ୍ରମାଣ ରହିଛି ଯେ ମୃତ ବ୍ୟକ୍ତିଙ୍କୁ ତାଙ୍କ ଆବାସକୁ ନେଇଯିବାର କିଛି ସମୟ ପରେ ଅଭିଯୁକ୍ତ ଡାକ୍ତରଖାନାକୁ ଆସି କିଛି ଔଷଧ ନେଇଥିଲା କିନ୍ତୁ ଅଭିଯୁକ୍ତ କେଉଁ ଔଷଧ ନେଇଥିଲା ତାହା ଦର୍ଶାଇବା ପାଇଁ ନଥିରେ କିଛି ପ୍ରମାଣ ନାହିଁ । ବିଚାର କରୁଥିବା ନ୍ୟାୟାଳୟ ସୂଚାଇ ଦେଇଛନ୍ତି ଯେ ଅଭିଯୁକ୍ତଙ୍କ ଦ୍ୱାରା କିଛି ନିଶାଦ୍ରବ୍ୟ ନେଇନଥିବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ । ଯାହା ହେଉନା କାହିଁକି, ଏହା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି ଯେ ଅପରାହ୍ନ ପ୍ରାୟ 2ଟା 30 ମିନିଟରେ ଅଭିଯୁକ୍ତ ତାଙ୍କ ଆବାସରୁ ଚିତ୍କାର କରିଥିଲେ । ଏଭଳି ଚିତ୍କାର ଶୁଣି, ଡାକ୍ତରଖାନାର ମହିଳା ଡାକ୍ତର (ପି. ଡବ୍ଲ୍ୟୁ. 7) ଅଭିଯୁକ୍ତଙ୍କ ଆବାସକୁ ଯାଇଥିଲେ ଏବଂ ମୃତକ ଘର ଭିତରେ ଥିବା ଏକ ଖଟରେ ପଡ଼ିଥିଲେ ଏବଂ ତାଙ୍କ ଦେହ ଉପରେ ଏକ ଚାଦର ଘୋଡ଼ାଯାଇଥିବାର ଦେଖିଥିଲେ । ସେ ମୃତକଙ୍କୁ ପରୀକ୍ଷା କରିଥିଲେ ଏବଂ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହା ପରେ, ଅନ୍ୟ ଜଣେ ଡାକ୍ତର ଯିଏକି ପି. ଡବ୍ଲ୍ୟୁ. 6 ମଧ୍ୟ ଆସିଲେ ଏବଂ ମୃତକଙ୍କ ବେକରୁ ପାଦ ପର୍ଯ୍ୟନ୍ତ ଏକ ଚାଦର ଢାଙ୍କିହୋଇ ଖଟ ଉପରେ ପଡ଼ିଥିବାର ଦେଖିଲେ । ଚାଦରକୁ ହଟାଇବା ଦ୍ୱାରା, ପି. ଡବ୍ଲ୍ୟୁ. 6 ଜାଣିବାକୁ ପାଇଲେ ଯେ ମୃତକ ଏକ ବ୍ଲାଉଜ, ଶାଢ଼ୀ ଏବଂ ଡୋର ଥିବା ଏକ ସାୟା ପିନ୍ଧିଥିଲେ । ମୃତକ ପିନ୍ଧିଥିବା ପୋଷାକ ବିକୃତ କିମ୍ବା ବିଶୃଙ୍ଖଳିତ ଥିବାର କୌଣସି ଡାକ୍ତର ଲକ୍ଷ୍ୟ କରିନଥିଲେ । ଉକ୍ତ ଡାକ୍ତରମାନେ ସ୍ପଷ୍ଟ ଭାବେ କହିଥିଲେ ଯେ କୋଠରିର ପଛ ଦ୍ୱାର ଭିତରୁ ବନ୍ଦ ଥିଲା । ଆମ ମତରେ, ଉଚ୍ଚ ନ୍ୟାୟାଳୟ ବିନା କୌଣସି ଆଧାରରେ ସନ୍ଦେହ ବ୍ୟକ୍ତ କରିଛନ୍ତି ଯେ ମୃତ୍ୟୁ ସମୟରେ ଉକ୍ତ ପଛ ଦ୍ୱାରଟି ଭିତରରୁ ବନ୍ଦ ଥିଲା କି ନାହିଁ, କେବଳ ଏଥିପାଇଁ ନୁହେଁ ଯେ ଅନୁସନ୍ଧାନକାରୀ ଅଧିକାରୀ ପଛଦ୍ୱାର ବିଷୟରେ ଅନୁସନ୍ଧାନ କରିନାହାନ୍ତି ଏବଂ ପଛଦ୍ୱାର ଭିତରୁ ବନ୍ଦ ଥିଲା ବୋଲି ପୋଲିସ୍‌କୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 161 ଅନୁଯାୟୀ ଡାକ୍ତରମାନେ (ପିଡବ୍ଲ୍ୟୁ 6 ଏବଂ 7) ତାଙ୍କ ବିବୃତି ପ୍ରଦାନ କରିନାହାନ୍ତି । ଯେତେବେଳେ ଡାକ୍ତରମାନଙ୍କୁ ପଛ ଦ୍ୱାରର ସ୍ଥିତି ବିଷୟରେ କୌଣସି ଅନୁସନ୍ଧାନ କରାଯାଇ

ନଥିଲା, ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ପୁଲିସକୁ ବିବୃତି ଦେବାରେ ଅବହେଳା ହୋଇଛି । ଉଭୟ ଡାକ୍ତର ସମ୍ମାନିତ ଏବଂ ନିଃସ୍ୱାର୍ଥପର ସାକ୍ଷୀ । ସୂଚନା ଦେବା ପାଇଁ ନଥିରେ କିଛି ନାହିଁ ଯେ ଅଭିଯୁକ୍ତମାନଙ୍କ ବିରୋଧରେ ସେମାନଙ୍କର କୌଣସି ଶତ୍ରୁତା ଥିଲା, ଯେଉଁଥିପାଇଁ ସେମାନେ ପଛ ଦ୍ୱାର ଭିତରରୁ ବନ୍ଦ ଥିଲା ବୋଲି କହି ମିଥ୍ୟା ବୟାନ ଦେଇଛନ୍ତି । ଆମ ମତରେ, ଏଭଳି ପ୍ରମାଣକୁ ଏକ ଗ୍ରହଣୀୟ ଯୁକ୍ତି ଆଧାରରେ ଉଚ୍ଚ ନ୍ୟାୟାଳୟ ପ୍ରତ୍ୟାଖ୍ୟାନ  କରିବା ଉଚିତ  ନୁହେଁ ।

ଏହା ସ୍ପଷ୍ଟ ଭାବେ ପ୍ରମାଣିତ ହୋଇଛି ଯେ ଯଦି ଆବାସ ଭିତରୁ ବନ୍ଦ ଥିଲା, ତେବେ କୌଣସି ବ୍ୟକ୍ତି ଆବାସ ଭିତରକୁ ପ୍ରବେଶ କରିବାର କୌଣସି ସମ୍ଭାବନା ନଥିଲା । କେବଳ ଅଭିଯୁକ୍ତ ହିଁ ସେହି ଆବାସରେ ମୃତ ମହିଳାଙ୍କ ସହିତ ରହୁଥିଲେ, ଯିଏକି ତାଙ୍କ ମୃତ୍ୟୁର କିଛି ସମୟ ପୂର୍ବରୁ ଅସ୍ତ୍ରୋପଚାର କରିଥିଲେ, କାରଣ ସ୍ୱୀକାରଯୋଗ୍ୟ ଯେ ସ୍ୱାମୀ କିଛି ଦିନ ପାଇଁ ବାହାରକୁ ଯାଇଥିଲେ ।ଯଦିଓ ଏହା ଅନୁମାନ କରାଯାଏ ଯେ ଫେନାର୍ଗାନ୍ ଇଞ୍ଜେକ୍ସନ୍ ର ପ୍ରଭାବ ଅପରାହ୍ନ 1 ରୁ 1.30 ସମୟ ମଧ୍ୟରେ ଚାଲିଯାଇଥିଲା, ଯାହା ଶବ ବ୍ୟବଚ୍ଛେଦ ପରୀକ୍ଷା କରୁଥିବା ଡାକ୍ତର ପି. ଡବ୍ଲ୍ୟୁ. 11 ଙ୍କ ମତ ଅନୁଯାୟୀ ମୃତ୍ୟୁର ସମ୍ଭାବ୍ୟ ସମୟ ଥିଲା, ଏହା ଯୁକ୍ତିଯୁକ୍ତ ଭାବରେ କୁହାଯାଇପାରେ ଯେ ନିଶ୍ଚେତକ ପ୍ରଭାବରେ ସେ ଗଭୀର ନିଦ୍ରାରେ ଥିଲେ, ସେହି ସମୟ ମଧ୍ୟରେ ସେ ଅଚେତନ ଥିଲେ ଏବଂ ସାଧାରଣ ଅବସ୍ଥାକୁ ଫେରିନଥିଲେ ଯଦିଓ ଏହା ଏକ ଛୋଟ ଅସ୍ତ୍ରୋପଚାର ଥିଲା ।

ଆମ ବିଚାରରେ, ମୃତ ବ୍ୟକ୍ତି ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିବାର ମାମଲା ନିଶ୍ଚିତ ଭାବରେ ଅଗ୍ରାହ୍ୟ ହେବା ଉଚିତ୍ । ଶ୍ରୀ ରଞ୍ଜିତ କୁମାର ଉଭୟ ମୋଦୀଙ୍କ ଭେଷଜ ବିଧିଶାସ୍ତ୍ର ଏବଂ ବିଷ ବିଜ୍ଞାନ ଏବଂ ଟେଲରଙ୍କ ନୀତି ଏବଂ ଭେଷଜ ବିଧିଶାସ୍ତ୍ରରେ ଆମ ଧ୍ୟାନ ଆକର୍ଷଣ କରଛନ୍ତି ଯେ ଏହା ସ୍ପଷ୍ଟ ଭାବରେ କୁହାଯାଇଛି ଯେ ନିଜ ବେକକୁ ନିଜେ ଚିପି ଆତ୍ମହତ୍ୟା କରିବା ଅତ୍ୟନ୍ତ ବିରଳ ।   ନିଜ ବେକକୁ ନିଜେ ଚିପିକି ଆତ୍ମହତ୍ୟା କରୁଥିବା ବ୍ୟକ୍ତି ପାଇଁ,  ଏକ ସହାୟତା ନେବା ଆବଶ୍ୟକ ଯାହା ଦ୍ୱାରା ଗଳା ଚିପି ନିଜକୁ ହତ୍ୟା କରିବା ପାଇଁ ମୃତ୍ୟୁ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ବଳ ପ୍ରୟୋଗକୁ  ସୁନିଶ୍ଚିତ କରାଯାଇପାରିବ । ଏପରି କୌଶଳ ସହାୟତା ବିନା, ପର୍ଯ୍ୟାପ୍ତ ବଳ ପ୍ରୟୋଗ କରାଯାଇପାରିବ ନାହିଁ କାରଣ ପ୍ରାରମ୍ଭରେ ବଳ ପ୍ରୟୋଗ ସହିତ, ଅସଂବେଦନଶୀଳତା ବିକଶିତ ହେବ ଯାହା ଦ୍ୱାରା ଡୋରର ଶେଷ ଭାଗକୁ  ଟାଣି ରଖିଥିବା ହାତଗୁଡିକ ଆପେ ଆପେ ଆଲଗା ହୋଇଯିବ । ବର୍ତ୍ତମାନ ମାମଲାରେ, ପିଡବ୍ଲ୍ୟୁଏସ୍ 6 ଏବଂ 7 ଦ୍ୱାରା କୌଣସି ସହାୟତା ପ୍ରଦାନ କରାଯାଇଥିବାର ଲକ୍ଷ୍ୟ କରାଯାଇ ନଥିଲା, ଯେଉଁମାନେ ଚିତ୍କାର ଶୁଣି ମୃତ ବ୍ୟକ୍ତିଙ୍କୁ ପରୀକ୍ଷା କରିବାକୁ ଆସିଥିଲେ । ଅଭିଯୁକ୍ତ ମଧ୍ୟ ଘଟଣା ସ୍ଥଳରେ କୌଣସି ପ୍ରକ୍ରିୟା ଦେଖିନାହିଁ ଏବଂ ଫୌଜଦାରୀ କାର୍ଯ୍ୟବିଧି ସଂହିତା ଧାରା 313  ଅନୁଯାୟୀ ତାଙ୍କ ବିବୃତିରେ ନିଜ ବେକକୁ ନିଜେ ଚିପିବା ଦ୍ୱାରା ଆତ୍ମହତ୍ୟା ମାମଲାର ସମର୍ଥନରେ ସେ କୌଣସି ତଥ୍ୟ ପ୍ରକାଶ କରିନଥିଲେ,  ଯାହା ତାଙ୍କ ସ୍ୱତନ୍ତ୍ର ଜ୍ଞାନ ମଧ୍ୟରେ ଥିଲା  ।

ମହିଳା ଡାକ୍ତରମାନେ (ପିଡବ୍ଲ୍ୟୁଏସ. 6 ଏବଂ 7) ସାକ୍ଷ୍ୟ ପ୍ରଦାନ କରିଛନ୍ତି ଯେ ମୃତ ବ୍ୟକ୍ତି ଜଣକ ଏକ ଚାଦର ଘୋଡ଼ିହେଇ ଖଟ ଉପରେ ପଡିଥିଲେ । ପି. ଡବ୍ଲ୍ୟୁ. 6 ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି ଯେ ଚାଦରଟି ମୃତଙ୍କ ଶରୀରକୁ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଆଚ୍ଛାଦିତ ହୋଇଥିଲା । ଚାଦର ବାହାର କରିବା ପରେ ସେ ଲକ୍ଷ୍ୟ କରିଥିଲେ ଯେ ମୃତ ବ୍ୟକ୍ତି ଶାଢ଼ୀ, ବ୍ଲାଉଜ ଏବଂ ପେଟିକୋଟ ପିନ୍ଧିଛନ୍ତି ଏବଂ ସେ ପିନ୍ଧିଥିବା ପୋଷାକ ଅସଜଡା କିମ୍ବା ଅବ୍ୟବସ୍ଥିତ ଥିବାର ଧ୍ୟାନ ଦେଇନଥିଲେ । ଏହା ଅଭିଯୁକ୍ତଙ୍କ ମାମଲା ନୁହେଁ ଯେ ତାଙ୍କ ବୋହୂଙ୍କୁ ମୃତ ଅବସ୍ଥାରେ ଦେଖିବା ପରେ, ସେ ମୃତକଙ୍କ ପୋଷାକକୁ ସଜାଇଥିଲେ ଏବଂ ପରେ ଶବକୁ ଏକ ଚାଦରରେ ଢାଙ୍କି ଦେଇଥିଲେ । ଯଦି ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଥାନ୍ତେ, ତେବେ ତାଙ୍କୁ ସାଧାରଣ ଢଙ୍ଗରେ ସଠିକ୍ ପୋଷାକ ପିନ୍ଧିଥିବା ଦେଖିବାକୁ ମିଳିନଥାନ୍ତା । ପରିଣାମସ୍ୱରୂପ ଶଯ୍ୟା ଉପରେ ଶରୀରର କିଛି ପରିବର୍ତ୍ତନ ସହିତ ଅଙ୍ଗର ବିଭିନ୍ନ ସ୍ଥିତିରେ ନିଶ୍ଚିତ କିଛି ପରିବର୍ତ୍ତନ ହେବାକଥା ।

ଏହି ଘଟଣାରେ, ଏହା ସ୍ପଷ୍ଟ ଭାବରେ ପ୍ରମାଣିତ ହୋଇଛି ଯେ ଗଳା ଚିପି ହତ୍ୟା କାରଣରୁ ମୃତ୍ୟୁ ଘଟିଛି । କେବଳ ଯେହେତୁ ଡାକ୍ତର (ପି. ଡବ୍ଲ୍ୟୁ. 11) ଶବ ବ୍ୟବଛେଦ ସମୟରେ ମୃତ ବ୍ୟକ୍ତିଙ୍କ ବେକରେ ଗଭୀର ମାଂସପେଶୀରେ ଆଘାତ ଦେଖିଥିଲେ, ତେଣୁ ଏହା କୁହାଯାଇପାରିବ ନାହିଁ ଯେ ଡାକ୍ତରଙ୍କ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ଏପରି ଆଘାତ ବିଶ୍ୱାସଯୋଗ୍ୟ ଭାବରେ ପ୍ରମାଣିତ କରିଥିଲା ଯେ ନିଜ ବେକକୁ ନିଜେ ଚିପିବା ଦ୍ୱାରା ଦ୍ୱାରା ମୃତ୍ୟୁ ହୋଇଥିଲା, ଯାହା ମୋଦୀଙ୍କ ଦ୍ୱାରା ମତ ଦିଆଯାଇଛି । ଆମେ ଏଠାରେ ସୂଚାଇ ପାରିବା ଯେ ବିଦ୍ୱାନ ଲେଖକଙ୍କ ଅନୁଯାୟୀ ନିଜେ ନିଜ ବେକକୁ ଚିପିବା ଦ୍ୱାରା ଆତ୍ମହତ୍ୟା ଏକ ବିରଳ ଘଟଣା । ଏହିଭଳି ମତ ଟେଲରଙ୍କ ଭେଷଜ ବିଧିଶାସ୍ତ୍ରର ନୀତି ଏବଂ କାର୍ଯ୍ୟପଦ୍ଧତିରେ ମଧ୍ୟ ପ୍ରକାଶ କରାଯାଇଛି । ଏହା ଅସମ୍ଭବ ନୁହେଁ ଯେ ଗଳା ଚିପିବା ଦ୍ୱାରା ଆତ୍ମହତ୍ୟାର ବହୁ ସଂଖ୍ୟକ ମାମଲାଗୁଡିକୁ ଯତ୍ନ ସହକାରେ ଅଧ୍ୟୟନ କରାଯିବା ଆବଶ୍ୟକ, ଏହିପରି ଆତ୍ମହତ୍ୟା ସହିତ ଜଡିତ ବିଭିନ୍ନ ବୈଶିଷ୍ଟ୍ୟ ଅଧିକ ସଠିକ୍ ଭାବରେ ସୂଚିତ କରାଯାଇପାରିବ ନାହିଁ । ଏହା ବ୍ୟତୀତ, ଉକ୍ତ ଗ୍ରନ୍ଥରେ ପ୍ରକାଶିତ ବିଶେଷଜ୍ଞଙ୍କ ମତାମତ ସର୍ବୋତ୍ତମ, ଯାହା ସମ୍ମାନାର୍ଥେ ଉପଯୁକ୍ତ ବିଚାର ଯୋଗ୍ୟ, ବିଶେଷ ଭାବରେ ସମ୍ପୂର୍ଣ୍ଣ ନିର୍ଣ୍ଣାୟକ ହୋଇପାରିବ ନାହିଁ, ଯେତେବେଳେ ଅନ୍ୟ ପ୍ରମାଣ ସ୍ପଷ୍ଟ ଭାବରେ ଏକ ବିପରୀତ ସଙ୍କେତ ଦେଇଥାଏ ।

ଏଠାରେ ଏହା ମଧ୍ୟ ସୂଚିତ କରାଯାଇପାରେ ଯେ ଉଭୟ ମୋଦୀଙ୍କ ଭେଷଜ ବିଧିଶାସ୍ତ୍ର ପୁସ୍ତକ ଏବଂ ଭେଷଜ ବିଧିଶାସ୍ତ୍ର ଉପରେ ଲିଖିତ ଟେଲରଙ୍କ ପୁସ୍ତକରେ ଏହା ସ୍ପଷ୍ଟ ଭାବରେ କୁହାଯାଇଛି ଯେ ନିଜ ହାତରେ ନିଜ ବେକକୁ ଚିପି ଆତ୍ମହତ୍ୟା କରିବା ପାଇଁ, ମୃତ୍ୟୁ ପର୍ଯ୍ୟନ୍ତ ଶକ୍ତି ବଜାୟ ରଖିବା ପାଇଁ ଏକ ସହାୟତା ନେବାକୁ ପଡିବ, ନଚେତ୍, ଆବଶ୍ୟକ ଶକ୍ତି ବଜାୟ ରଖିବା ସମ୍ଭବପର ନୁହେଁ । ଏପରି ସହାୟତାର ଅନୁପସ୍ଥିତି ନିଜ ଗଳା ନିଜେ ଚିପିକି ଆତ୍ମହତ୍ୟାର କୌଣସି ସମ୍ଭାବନାକୁ ସ୍ପଷ୍ଟ ଭାବରେ ଅଗ୍ରାହ୍ୟ କରେ । ଏହିଭଳି ସ୍ଥିତିରେ ଅଭିଯୁକ୍ତଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ପାଖରେ ମୃତ ବ୍ୟକ୍ତିଙ୍କୁ

ହତ୍ୟା କରିବାର କୌଣସି ସୁଯୋଗ ନଥିଲା । ଏହି ମାମଲାରେ ପରିସ୍ଥିତିଗତ ପ୍ରମାଣ ମୃତ ବ୍ୟକ୍ତିଙ୍କ ହତ୍ୟାକାଣ୍ଡରେ ଅଭିଯୁକ୍ତଙ୍କ ସଂପୃକ୍ତିକୁ ପ୍ରତିଷ୍ଠିତ କରିବାରେ ସମ୍ପୂର୍ଣ୍ଣ ଦୃଢ଼ ଅଟେ । ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ନିଆଯାଇଥିବା ମତ ସ୍ୱଷ୍ଟ ଭାବରେ ପ୍ରମାଣର ଗୁରୁତ୍ୱ ବିରୁଦ୍ଧରେ ଏବଂ ଏକ ସମ୍ଭାବ୍ୟ ମତ ଭାବରେ ଧରାଯାଇପାରିବ ନାହିଁ ଯାହା ନିଆଯାଇପାରିଥାନ୍ତା ।

ତେଣୁ, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦୋଷ ମୁକ୍ତି କରାଯିବାର ବିବାଦୀୟ ଆକ୍ଷେପିତ ଆଦେଶକୁ ଅଗ୍ରାହ୍ୟ କରିବା ଏବଂ ବିଦ୍ୱାନ ଦୌରା ବିଚାରପତି, ସମ୍ବଲପୁରଙ୍କ ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦିଆଯାଇଥିବା ଦଣ୍ଡବିଧାନ ଏବଂ ଦଣ୍ଡାଦେଶକୁ ସମର୍ଥନ କରିବାରେ ଆମେ କୌଣସି ଦ୍ୱିଧା ଅନୁଭବ କରୁନାହୁଁ । ଅଭିଯୁକ୍ତଙ୍କ ଜାମିନନାମା ରଦ୍ଦ ହୋଇଯିବ । ତାଙ୍କୁ ଆଜୀବନ କାରାଦଣ୍ଡର ଦଣ୍ଡ ଭୋଗିବା ପାଇଁ ତୁରନ୍ତ ହେପାଜତକୁ ନିଆଯିବ । ତଦନୁସାରେ ଆବେଦନକୁ ଅନୁମତି ଦିଆଗଲା ।

ଆମେ ବିଦାୟ ନେବା ପୂର୍ବରୁ, ଅଭିଯୁକ୍ତ-ଉତ୍ତରଦାତାଙ୍କ ବିଦ୍ୱାନ ଓକିଲ ଶ୍ରୀ ରଞ୍ଜିତ କୁମାରଙ୍କ ଦ୍ୱାରା ଅଦାଲତକୁ ଦିଆଯାଇଥିବା ମୂଲ୍ୟବାନ ସହାୟତା ପାଇଁ ଆମେ ଆମର ପ୍ରଶଂସାକୁ ନଥିଭୁକ୍ତ କରୁଛୁ । ସେ ନ୍ୟାୟସଙ୍ଗତ ଭାବରେ ଏହି ମାମଲାରେ ଉପସ୍ଥାପିତ ସମସ୍ତ ପ୍ରାସଙ୍ଗିକ ତଥ୍ୟ ଏବଂ ବିବୃତ୍ତିକୁ ଆମ ବିଚାର ପାଇଁ ରଖିଥିଲେ ।

କେ. କେ. ଟି. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**
ଶ୍ରୀ ଜଟାଧାରୀ ସେଠୀ
ଅନୁବାଦକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ